# ଅପା-ଭାଇନାଙ୍କ ବିବାଦ ତୀବ୍ର

ଗୋପ,୨୧।୧(ସମିସ)



ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେପି ତଥା ଅପା-ଭାଇନାଙ୍କ କନ୍ଦଳ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ସମୀର ରଞ୍ଜନ ଦାସଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ଉଗ୍ରରୂପ ନେଇଛି। ନିର୍ବାଚନ ସମୟରେ ସମୀର ଦାସ ନିଜର ହଜାର ହଜାର ସମର୍ଥକଙ୍କ ସହ ବିଜେପିରେ ମିଶିଥିବାବେଳେ ପ୍ରଭାତୀଙ୍କୁ ସମର୍ଥନ କରି ତାଙ୍କର ବ୍ୟକ୍ତିଗତ ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ଦେଇ ପ୍ରଭାତୀଙ୍କୁ ଜିତାଇଥିଲେ। ଉପମୁଖ୍ୟମନ୍ତ୍ରୀ ପଦ ପାଇବା ପରେ ପ୍ରଭାତୀ ସମୀରଙ୍କୁ ଅଣଦେଖା କରୁଥିବା ତଥା ତାଙ୍କର ଫୋନ୍ କିମ୍ବା ମେସେଜ୍‌ର ଉତ୍ତର ଦେଉ ନ ଥିବା ଗଣମାଧ୍ୟମରେ ପ୍ରତିକ୍ରିୟାରେ କହିଛନ୍ତି। ନିଜର ଲୋକମାନେ ବିଭିନ୍ନ ସମୟରେ ଅଭିଯୋଗ ନେଇ ଭୁବନେଶ୍ୱରରେ ପହଞ୍ଚୁଥିବାବେଳେ ସେମାନଙ୍କୁ ଖର୍ଚ୍ଚାନ୍ତ ନ ହୋଇ ଆସିବାକୁ ପରାମର୍ଶ ଦେଇଥିବାବେଳେ ନିର୍ଦ୍ଦିଷ୍ଟ ଦିନରେ ନିମାପଡ଼ା ଓ ଗୋପରେ ପହଞ୍ଚି ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିବା ପରେ ଦଳୀୟ ଅନୁଶାସନ ରକ୍ଷା ପାଇଁ ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ତରାଇ ଚେତାବନୀ ଦେଇଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସିନାହିଁ। ବୁଧବାର ଶ୍ରୀ ଦାସ ପୁଣି ଗୋପ ଜଳ ସମ୍ପଦ ଡାକବଙ୍ଗଳାଠାରେ ଏକ ଜନ ଶୁଣାଣି ଶିବିର କରିଥିବାବେଳେ ଶତାଧିକ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିବା ଜଣାପଡ଼ିଛି। ତେବେ ଲୋକଙ୍କ ସମସ୍ୟା ସରକାରୀସ୍ତରରେ ସମାଧାନ ହେଉ ନ ଥିବାରୁ ସେ ଏହି ପଦକ୍ଷେପ ନେଇଥିବା ସମୀର ଦାବି କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହାକୁ ଏକ "ସମାନ୍ତରାଳ ଶାସନ ବ୍ୟବସ୍ଥା' କହି ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ସରକାରୀସ୍ତରରେ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା ଥାଉଥାଉ ସମୀରଙ୍କ ଏହି କାର୍ଯ୍ୟ ଦଳୀୟ ସଂଗଠନକୁ ଦୁର୍ବଳ କରୁଛି।

ଉପମୁଖ୍ୟମନ୍ତ୍ରୀ ଲୋକଙ୍କ କଥା ଶୁଣୁନାହାନ୍ତି। ତେଣୁ ମୁଁ ସପ୍ତାହରେ ଦୁଇଥର ଲୋକଙ୍କ ସମସ୍ୟା ଶୁଣୁଛି। ବିଜେପି ସଂଗଠନକୁ ବଞ୍ଚାଇବା ପାଇଁ ମୁଁ ଏହି ବୈଠକ କରୁଛି ବୋଲି ସମୀର ମତବ୍ୟକ୍ତ କରିଛନ୍ତି। ତେବେ ଜିଲ୍ଲା ସଭାପତିଙ୍କ ଚେତାବନୀ ସତ୍ତ୍ୱେ ସମୀର ପୁଣି ଜନଶୁଣାଣି କରିବା ରାଜ୍ୟ ରାଜନୀତିରେ ଉଷ୍ମତା ଆଣିଥିବାବେଳେ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ରାଜ୍ୟସ୍ତରରେ ବିଜେପିରେ ଫାଟ ରହିଥିବା ଯୋଗୁଁ ସମୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନ ଥିବା ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ଅନ୍ୟପଟେ କଟା ଘା'ରେ ଚୂନ ଲଗାଇବା ପାଇଁ ରାଜ୍ୟ ସରକାରଙ୍କ ଚାପରେ ମଙ୍ଗଳବାର ନିମାପଡ଼ା ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ପୂର୍ବରୁ କେବେ ଯୋଗଦେଇ ନ ଥିବା ଜିଲ୍ଲାପାଳ, ଏସ୍‌ପି ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପ୍ରଚାରପ୍ରସାର ଅଭାବରୁ ମାତ୍ର ୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସମୀରଙ୍କ ଜନଶୁଣାଣିରେ ମାତ୍ରାଧିକ ଅଭିଯୋଗ ଆସୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏହି ଘଟଣାରେ ପଦ ପଦବୀରେ ଥିବା କୌଣସି ବିଜେପି ନେତା ମୁହଁ ଖୋଲି ନ ଥିବାବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମୀରଙ୍କ ନେତୃତ୍ୱରେ ବଡ଼ ପରିବର୍ତ୍ତନ ହେବ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି।

**ଜିଲ୍ଲା ସଭାପତିଙ୍କ ନାଲି ଆଖିକୁ ସମୀରଙ୍କ ବେଖାତିର୍**
**ଶହଶହ ଲୋକଙ୍କ ଉପସ୍ଥିତିରେ ଗୋପରେ ଜନଶୁଣାଣି**

## ଫୁଟ୍‌ବଲ ଲିଗ୍: ପ୍ରଗତୀ ଓ ଲଙ୍କେଶ୍ୱର ମ୍ୟାଚ୍ ଡ୍ର



ନିମାପଡ଼ା,୨୧।୧(ସମିସ): ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ନିମାପଡ଼ା ଆଥ୍‌ଲେଟିକ୍ ଆସୋସିଏସନ ତରଫରୁ ଆୟୋଜିତ ୨୩ତମ ନିମାପଡ଼ା ପ୍ରିମିୟର ଫୁଟ୍‌ବଲ୍ ପ୍ରଥମ କୃଷ୍ଣଚନ୍ଦ୍ର ମେମୋରିଆଲ ପ୍ରିମିୟର ଫୁଟ୍‌ବଲ ଲିଗ୍‌ର ୧୦ମ ମ୍ୟାଚ୍‌ଟି ପ୍ରଗତୀ ଫୁଟ୍‌ବଲ ବିଷ୍ଣୁପୁର ଓ ଲଙ୍କେଶ୍ୱର କ୍ଲବ୍ ବଳଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଲଙ୍କେଶ୍ୱର ବଳଙ୍ଗାର ଦେବାଶିଷ ପରିଡ଼ା ଗୋଟିଏ ଗୋଲ୍ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ୨ୟାର୍ଦ୍ଧରେ ପ୍ରଗତୀ କ୍ଲବ୍ ବିଷ୍ଣୁପୁରର ଟିକୁ ପେନାଲ୍‌ଟି ସଟ୍‌ରୁ ଗୋଟିଏ ଗୋଲ୍ ଦେଇ ଖେଳକୁ ୧-୧ ସ୍ତରକୁ ଆଣିଥିଲେ। ଖେଳ ଶେଷସୁଦ୍ଧା ୧-୧ ଗୋଲ୍ ଜରିଆରେ ଅମୀମାଂସିତ ରହିଥିଲା। ବଳଙ୍ଗା ଦଳର ଦେବାଶିଷ ପରିଡ଼ା ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ପରିଚାଳନା କରିଥିଲେ ରେଫରୀ ସୁଶାନ୍ତ ରାଉତରାୟ, ଜ୍ଞାନ ରଞ୍ଜନ ଭୋଇ, ଭିକାରୀ ମଲ୍ଲିକ ଓ ବିଚିତ୍ରାନନ୍ଦ ପାତ୍ର। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, ନିମାପଡ଼ା ପ୍ରେସ୍ କ୍ଲବ୍ ସମ୍ପାଦକ ରମାକାନ୍ତ ବେହେରା, ମା' ତାରେଣୀ ଯାତ୍ରା କମିଟି ସଭାପତି ଆଲୋକ ମଲ୍ଲିକ, କ୍ରୀଡ଼ାବିତ୍ ମହେନ୍ଦ୍ର ସିଂ ଭାଟିଆ, ପୂର୍ବତନ ଫୁଟ୍‌ବଲ ଖେଳାଳି ଧିରେନ ବରାଳ ପ୍ରମୁଖ ଯୋଗଦେଇଥିଲେ। ଗୁରୁବାର ଅମୁଣିଆ ପାଟଣା କ୍ଲବ୍ ଓ ମହାବୀର କ୍ଲବ୍ ଭୁବନପୁର ଏବଂ ଲଙ୍କେଶ୍ୱର କ୍ଲବ୍ ବଳଙ୍ଗା ଓ ବଜରଙ୍ଗୀ କ୍ଲବ୍ ଝାମ୍ପୁଲାକୁଦ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇଛନ୍ତି।

## ଖାନ୍ ଏକାଡେମୀ ପକ୍ଷରୁ ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

କଣାସ,୨୧।୧(ସମିସ): ରାଜ୍ୟରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଗଣିତ ଓ ବିଜ୍ଞାନ ଶିକ୍ଷାର ଉନ୍ନତି ପାଇଁ ଖାନ୍ ଏକାଡେମୀର ସହାୟତା ନିଆଯାଇଥିବା ବେଳେ ବାସ୍ତବରେ ଏହା କେତେଦୂର ଫଳପ୍ରଦ ହୋଇପାରିଛି ତା'ର ତଦାରଖ ପାଇଁ ମଙ୍ଗଳବାର ଖାନ୍ ଏକାଡେମୀର ଏକ କେନ୍ଦ୍ରୀୟ ଦଳ ସ୍ଥାନୀୟ ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିବା ଜଣାଯାଇଛି। ଏକାଡେମୀ ପକ୍ଷରୁ ପାଠ୍ୟକ୍ରମ ବାଦ୍ ଗଣିତ ଓ ବିଜ୍ଞାନରେ ଗୁଣାତ୍ମକ ଶିକ୍ଷା ପାଇଁ ନିଆଯାଉଥିବା ଶ୍ରେଣୀଗୁଡ଼ିକ ଛାତ୍ରଛାତ୍ରୀମାନେ ଟାବ୍‌ଲେଟ୍, ମୋବାଇଲ୍ ଓ କମ୍ପ୍ୟୁଟର ମାଧ୍ୟମରେ କେତେଦୂର ଶିକ୍ଷା ଗ୍ରହଣ କରିବା ସହ ଗୃହ କାର୍ଯ୍ୟ ମଧ୍ୟ ସମ୍ପନ୍ନ କରୁଛନ୍ତି, ଛାତ୍ରଛାତ୍ରୀଙ୍କଠାରୁ ପ୍ରତ୍ୟକ୍ଷ ଅନୁସନ୍ଧାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାରଣା ଓ ଶିକ୍ଷକଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ କେନ୍ଦ୍ରୀୟ ଦଳକୁ ବୁଝାଇଥିଲେ। ଖାନ୍ ଏକାଡେମୀ କେନ୍ଦ୍ରୀୟସ୍ତରରୁ ଓଜସ୍ ଆରୋରା, ଅନ୍‌ଭି ବାସବଦା ଓ ରାଜ୍ୟସ୍ତରରୁ ମନୋଜ ସାହୁ, ସାଗରିକା ମହାପାତ୍ର ଏହି ତଦାରଖ କାର୍ଯ୍ୟ ସମ୍ପନ୍ନ କରିଥିଲେ। ପୁରୀ ଜିଲ୍ଲା ପଞ୍ଚସଖା ଶିକ୍ଷା ସେତୁ ସଂଯୋଜକ ସନ୍ତୋଷ କୁମାର ଚୌଧୁରୀ, ଡିଏନ୍‌ଓ ପ୍ରଦୀପ ସ୍ୱାଇଁ ଓ ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ପ୍ରଶସ୍ତୀକରଣରେ ବାଧକ ବିଦ୍ୟୁତ୍ ଖୁଣ୍ଟ, ଜମି ଓ ଗଛ

କାକଟପୁର/ଗମ୍ଭାରିପଦା,୨୧।୧(ସମିସ): ବର୍ଦ୍ଧିତ ଜନସଂଖ୍ୟା ଓ ଯାନବାହନଗୁଡ଼ିକ ସ୍ୱାଭାବିକ ଗତିରେ ଗମନାଗମନ ପାଇଁ କାକଟପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ବିଶ୍ୱାମିତ୍ର-ପାଟସୁନ୍ଦରପୁର ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ବିଭାଗୀୟ ଅଧିକାରୀଙ୍କ ସ୍ଥାଣୁତା ଦୃଷ୍ଟିରୁ ପ୍ରଶସ୍ତୀକରଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଯାହାଫଳରେ କାର୍ଯ୍ୟ ନିର୍ଦ୍ଧାରିତ ୧୩.୪.୨୦୨୬ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ନ ପାରିବା ଭଳି ପରିସ୍ଥିତି ସୃଷ୍ଟି ହେଲାଣି। ଯେଉଁଟା କି ସେ ରାସ୍ତାରେ ସାଧାରଣ ଗମନାଗମନ ବାଧାପ୍ରାପ୍ତ ହେବା ସହ ଛୋଟବଡ଼ ଦୁର୍ଘଟଣା ହେଉଛି। ବିଦ୍ୟୁତ୍ ଖୁଣ୍ଟ ଅପସାରଣ ନ ହେବାର କାରଣ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରକୁ ଦୋଷ ଦେଇ କହୁଛନ୍ତି କି ବିଭାଗ ୬ ପ୍ରତିଶତ ଡିପୋଜିଟ୍ କରି ନ ଥିବାରୁ ଆମେ କାର୍ଯ୍ୟକୁ ଆଗେଇ ନେଇପାରୁନାହୁଁ। ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀଙ୍କୁ ରାସ୍ତା ସମ୍ପ୍ରସାରଣର ମନ୍ଥରତା ସମ୍ପର୍କରେ ପଚାରିଲେ ସେ କୁହନ୍ତି କି ଆମେ ଡିମାରକେସନ ପାଇଁ ତହସିଲ୍‌କୁ ଚିଠି କରିଛୁ, ରାଜସ୍ୱ ବିଭାଗ ରାସ୍ତାର ସୀମା ଚିହ୍ନଟ କରିଦେଲେ କାର୍ଯ୍ୟ ଆଗେଇ ଚାଲିବ। କାମ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ନ ପାରିଲେ ଠିକାଦାରକୁ ଜରିମାନା କରାଯିବ। ଠିକାଦାର କ୍ଲାରିଫିକେସନ୍ ଦେବା ପରେ ତାଙ୍କର ବିଲ୍ କରାଯିବ ବୋଲି କହିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ରାସ୍ତା ପ୍ରଶସ୍ତୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିବା ପରେ ବିଦ୍ୟୁତ୍ ଖୁଣ୍ଟ, ରାସ୍ତାର ଡିମାରକେସନ୍ ଓ ଗଛ କାଟିବା ପାଇଁ ଜଙ୍ଗଲ ବିଭାଗର କ୍ଲିୟରାନ୍ସ କାର୍ଯ୍ୟ ସମାପନ ନ କରି ଠିକାଦାର ସହିତ ଚୁକ୍ତି କରାଯିବା କେତେଦୂର ଯୁକ୍ତିସଂଗତ। ବିଭାଗ ଏଭଳି କାର୍ଯ୍ୟ ଗ୍ରହଣ କରିବା ଦ୍ୱାରା ସର୍ବସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ଉତ୍ତର ରଖିବାକୁ ପାଟସୁନ୍ଦରପୁର, ନୀଳକଣ୍ଠପୁର ଗ୍ରାମବାସୀଙ୍କ ସମେତ ସାଧାରଣରେ ଦାବି ହେଉଛି।

**● ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ**

## ଗୋଟିଏ ରାତିରେ ୩ ମନ୍ଦିରରୁ ଲୁଟ୍



ଅସ୍ତରଙ୍ଗ,୨୧।୧(ସମିସ): ଗତ କିଛିଦିନ ହେବ ଲୁଟେରାଙ୍କ ଟାର୍ଗେଟ୍‌ରେ ମଠ ମନ୍ଦିର। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି ହୋଇଛି। କାକଟପୁର ନିର୍ବାଚନମଣ୍ଡଳୀରେ ଅନେକ ଐତିହାସିକ ମନ୍ଦିରରୁ କିଛି ମାସ ହେବ ବାରମ୍ବାର ଲୁଟ୍ ହେଉଥିବାବେଳେ ଗତ ମଙ୍ଗଳବାର ରାତିରେ ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ଗ୍ରାମ ନିକଟରେ ଥିବା ଝାଡ଼ଲିଙ୍ଗେଶ୍ୱର ଶିବ ମନ୍ଦିର, ମା' ତାରିଣୀଙ୍କ ମନ୍ଦିର ଏବଂ ମା' ପାର୍ବତୀଙ୍କ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ବୁଧବାର ସକାଳୁ ପୂଜାରୀ ସନାତନ ପଣ୍ଡା ନିୟମିତ ନୀତି ପାଇଁ ମନ୍ଦିରକୁ ଆସି ମନ୍ଦିରଗୁଡ଼ିକର ମୁଖ୍ୟ ଗ୍ରିଲ୍ ତାଲା ଭଙ୍ଗାଯାଇ ଦ୍ୱାର ଖୋଲାଥିବା ଦେଖି ମନ୍ଦିର କମିଟିକୁ ଜଣାଇ ଥିଲେ। କମିଟି ସଦସ୍ୟମାନେ ଆସି ଦେଖିବା ବେଳକୁ ମା' ତାରିଣୀଙ୍କ ଗର୍ଭଗୃହରୁ ପିତ୍ତଳ ଘଣ୍ଟ, ଘଣ୍ଟି, ଥାଳି, ରୁପା ମୁକୁଟ, ନାକ ଚିତା, ଆଖି ପତା ଏବଂ ମା' ପାର୍ବତୀଙ୍କ ମନ୍ଦିରରୁ ରୁପା ମୁକୁଟ, ଝାଡ଼ଲିଙ୍ଗେଶ୍ୱରଙ୍କ ମନ୍ଦିରରୁ ଢାଳ, ଘଣ୍ଟି ସବୁ ଚୋରି ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷେ ଟଙ୍କା ହେବ ବୋଲି କମିଟିର ମୁଖ୍ୟ ରମେଶ ଚନ୍ଦ୍ର ନାୟକ ନୂଆଗଡ଼ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ବାରମ୍ବାର ମନ୍ଦିରରୁ ଚୋରି ହେଉଥିବାରୁ ସେମାନେ କିଏ ତାହା ଆଜି ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବାବେଳେ ଅସ୍ତରଙ୍ଗ ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଏବେ ସାଧାରଣ ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଛି। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ନିଶା କାରବାର ବୃଦ୍ଧି ଘଟୁଥିବାବେଳେ ଏହା ପଛରେ ନିଶାଖିଆ ଲୁଟେରା ହୋଇଥାଇପାରନ୍ତି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରୁଥିବାବେଳେ ବାହାର ଲୁଟେରାଙ୍କ ସମ୍ପୃକ୍ତିକୁ ବି ଏଡ଼ାଇ ଦିଆଯାଇ ନ ପାରେ। ଯାହା ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ଆଗରେ ଏକ ଚ୍ୟାଲେଞ୍ଜ ହୋଇ ରହିଛି। ଏ ନେଇ ଥାନା ଅଧିକାରୀ ଶ୍ରୀ ବେହେରାଙ୍କୁ ପଚାରିବାରୁ ସେ କହିଲେ, ମୁଁ ଟ୍ରେନିଂରେ ଅଛି, ଗଲେ ତଦନ୍ତ ପରେ ଜଣାପଡ଼ିବ।

## ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

ପିପିଲି,୨୧।୧(ସମିସ): ପିପିଲି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବୁଧବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପିପିଲି ଦୁର୍ଗାଦାସପୁର ପ୍ରାଥମିକ ସେବା ସମବାୟ ସମିତିର ଧାନ ମଣ୍ଡି ଉକ୍ତ ପଞ୍ଚାୟତର ସରପଞ୍ଚ ବିଭୂତିଭୂଷଣ ନାଥଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ପ୍ରତିନିଧି ଜଗତବଲ୍ଲଭ ଖଟୋଇ, ମଣ୍ଡି ନୋଡାଲ ଅଧିକାରିଣୀ ସୁଜାତା ବେହେରା, ସମ୍ପାଦକ ଜ୍ୟୋତିର୍ମୟୀ ଦାଶ, ସଭାପତି ବିଶ୍ୱଜିତ୍ ଦାଶ, ଚାଷୀ ମହେଶ୍ୱର ପରିଡ଼ା, ବିଭୂତିଭୂଷଣ ଦାଶ, ସୁରେନ୍ଦ୍ର ପାତ୍ର, ଅମୂଲ୍ୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ପିପିଲି ସେବା ସମବାୟ ସମିତିରେ ମଧ୍ୟ ମଣ୍ଡି ପିପିଲି ପଦାପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ଦିଗାମ୍ବର ସ୍ୱାଇଁ ନଡ଼ିଆ ବାଡ଼େଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ପିପିଲି ଯୋଗାଣ ନିରୀକ୍ଷକ ଦୀପ୍ତିରଞ୍ଜନ ଇନ୍ଦ୍ରସିଂ, ପିପିଲି ଆର୍‌ଆଇ, ସମିତି ସମ୍ପାଦକ ଲିଟନ କୁମାର ଦାସ, ସମିତିସଭ୍ୟ କବିରାଜ ସ୍ୱାଇଁ, ବେଣୁଧର ଭଞ୍ଜ, ଜବାର୍ ଖାଁ, ଚାଷୀ ଗନ୍ଧର୍ବ ପରିଡ଼ା, ସୁବାସ ବେହେରା, କିଶୋର ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳପୁର ସମିତିରେ ଡେଲାଙ୍ଗ-ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମଣ୍ଡି ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଉପେନ୍ଦ୍ର ବେହେରା, ସମିତିସଭ୍ୟ ଗଦାଧର ପରିଡ଼ା, ସମିତି ସଭାପତି ମାଗୁଣି ଚରଣ ପରିଡ଼ା, ସମ୍ପାଦକ ଅବକାଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମଣ୍ଡିରେ ୨୭୯ ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ସାଇକୃପା ମିଲର ୮୭୭ କ୍ୱିଣ୍ଟାଲ ଧାନ କିଣିଛି।

**ଗମ୍ଭାରିପଦା:** କାକଟପୁର ବ୍ଲକ୍ ଅନ୍ତର୍ଗତ ନାସିକେଶର ସେବା ସମବାୟ ସମିତି, ସୁହାଗପୁର ସେବା ସମବାୟ ସମିତି, ବିଭୁତିପୁର ସେବା ସମବାୟ ସମିତି ଓ ଲତାହରଣ ସେବା ସମବାୟ ସମିତି ପକ୍ଷରୁ ଚାଷୀଙ୍କ ନିକଟରୁ ଧାନ ସଂଗ୍ରହ ପାଇଁ ବୁଧବାର ସରକାରୀ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଛି। ନାସିକେଶର ସେବା ସମବାୟ ସମିତିର ସମ୍ପାଦକ ଆଲୋକ କୁମାର ରାଉତ, ସୁହାଗପୁର ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଶୁଭ୍ରାଂଶୁ ଶେଖର ରାଉତ, ବିଭୁତିପୁର ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ହରେକୃଷ୍ଣ ରାଉତ, ଲତାହରଣ ସେବା ସମବାୟ ସମିତିର ସମ୍ପାଦକ ସେଖ୍ ଇକ୍‌ବାଲ ହୋସେନଙ୍କ ପୌରୋହିତ୍ୟରେ ଆୟୋଜିତ ଧାନ ମଣ୍ଡି ଉଦ୍‌ଘାଟନ ଉତ୍ସବରେ କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୁରୀ-ନିମାପଡ଼ା ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ, ଡାଇରେକ୍ଟର ପ୍ରାଣକୃଷ୍ଣ ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି, ସମବାୟ ସମିତିର ସଭାପତି ଦିବାକର ସିଂ, ଶରତ କାଣ୍ଡି, ଶୁକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ମାଘମେଳା ନିମନ୍ତେ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକ




କୋଣାର୍କ,୨୧।୧(ସମିସ): ଆସନ୍ତା ୨୪ ଓ ୨୫ ତାରିଖ ଅର୍କକ୍ଷେତ୍ର କୋଣାର୍କରେ ପୁରାଣ ପ୍ରସିଦ୍ଧ ମାଘମେଳା ଅନୁଷ୍ଠିତ ହେବ। କୋଣାର୍କ ଓ ଚନ୍ଦ୍ରଭାଗାଠାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ଆରକ୍ଷୀ ବିଭାଗକୁ ସହଯୋଗ କରିବା ନିମନ୍ତେ ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସ୍ୱେଚ୍ଛାସେବୀ ସମନ୍ୱୟ ସମିତିର ସଂଯୋଜକ ରାମକୃଷ୍ଣ ମହାନ୍ତି ସୂଚନା ଦେଇଛନ୍ତି। ବୁଧବାର ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କୋଣାର୍କ ବିଜ୍ଞପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱେଚ୍ଛାସେବୀ ସମନ୍ୱୟ ବୈଠକରେ ସମାଜସେବୀ ରାମକୃଷ୍ଣ ମହାନ୍ତି, କୋଣାର୍କର ପର୍ଯ୍ୟଟନ ଅଧିକାରୀ ମାମିନି କୁମାରୀ ପରିଡ଼ା, କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜବାହର ନବୋଦୟ ବିଦ୍ୟାଳୟର ଗ୍ରନ୍ଥାଗାର ରକ୍ଷକ ଲକ୍ଷ୍ମୀଧର ମଲ୍ଲିକ, ଯୁଥ୍ ରେଡ୍‌କ୍ରସର ସଂଯୋଜକ ଅଧ୍ୟାପକ ଅରବିନ୍ଦ ସାହୁ, ଜୁନିଅର ରେଡ୍‌କ୍ରସର ସଂଯୋଜକ ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଚଳିତ ବର୍ଷ ମାଘମେଳାରେ ସ୍ୱେଚ୍ଛାସେବୀ ନିୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀମାନେ ନବଗ୍ରହ ମନ୍ଦିର, ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି, ତୀର୍ଥ ପଡ଼ିଆ ଓ ଶ୍ରୀଜୀଉମାନଙ୍କ ପୂଜାବେଦୀ ନିକଟରେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବେ। ଉକ୍ତ ବୈଠକରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ସ୍କାଉଟ୍ସ ଓ ଗାଇଡ୍ସ, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ୍, ଜୁନିଅର ରେଡ୍‌କ୍ରସ, ଉତ୍ସର୍ଗ ପରିବାର, ମାଇଁ ଭାରତ, ସବୁଜ ସଂକଳ୍ପ, ସେବକ, ବସନ୍ତ ମଞ୍ଜରୀ ପାଠାଗାର , ରେଡିଓ ନମସ୍କାର, ଜାଭିୟର୍ସ କଲେଜ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ଓ ଜାତୀୟ ସବୁଜ ବାହିନୀର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ସମାଜସେବୀ ନିରଞ୍ଜନ ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହେବେ ୩୦୦ ସ୍ୱେଚ୍ଛାସେବୀ**

## ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ବୈଠକ

ପିପିଲି,୨୧।୧(ସମିସ): ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲା ଡେଇଶିପୁର ପଞ୍ଚାୟତର ବାଲିଗାଁଠାରେ ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ବୈଠକ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ହୃଦାନନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଶିଷ୍ଟ କଣ୍ଠଶିଳ୍ପୀ କବିନ୍ଦ୍ର ବେହେରା ଓ ଅନ୍ୟ ସମସ୍ତ ଉପସ୍ଥିତ ସଦସ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ସାମୂହିକ ଗୀତଗୋବିନ୍ଦ ସ୍ତୋତ୍ର ପାଠ କରିଥିଲେ। ପୀଠସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ଦୈନନ୍ଦିନ ଦେବନୀତି ତଥା ପାଶ୍ୱର୍ ଦେବଦେବୀଙ୍କ ପୂଜାନୀତି ପୁରୀ ଶ୍ରୀମନ୍ଦିରର ନୀତିକାନ୍ତି ସହିତ ସାମଞ୍ଜସ୍ୟତା ରକ୍ଷା କରି ଯଥାସମ୍ଭବ ଐକ୍ୟତା ଆଣିବା ନିମନ୍ତେ ଅନୁଷ୍ଠାନର ସଦସ୍ୟମାନଙ୍କ ମଧ୍ୟରେ ଉତ୍କଣ୍ଠା ଓ ଆବେଗ ନେଇ ପ୍ରଚଳିତ ପୂଜାନୀତିରେ ଅନେକ କ୍ଷେତ୍ରରେ ସଂସ୍କାର କରାଯାଇଛି। ଏଥିନିମନ୍ତେ ଆବଶ୍ୟକ ଅର୍ଥ ଓ ମାନବ ସମ୍ବଳ ପୂରଣ କରାଯିବାକୁ ସ୍ଥିର କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା ନିମନ୍ତେ ୩୦ ଜଣ ବିଶିଷ୍ଟ ନୀତି କମିଟି ଗଠନ କରାଯାଇଛି। ଆସନ୍ତା ମାଘ ଶୁକ୍ଳ ଏକାଦଶୀ ତିଥିରେ ଭକ୍ତ ଦାସିଆଙ୍କ ମହାପ୍ରୟାଣ ଦିବସର ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ଓ ଦାୟିତ୍ୱ ବଣ୍ଟନ କରାଯାଇ ପ୍ରାତଃ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଉକ୍ତ ଆଲୋଚନାରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର, ସାଂସ୍କୃତିକ ସମ୍ପାଦକ ସରୋଜ ସାହୁ, ତ୍ରିନାଥ ଲେଙ୍କା, ବରିଷ୍ଠ ସଦସ୍ୟ ଇଂ ବସନ୍ତ କୁମାର ପଣ୍ଡା, ଇଂ ଦିଲ୍ଲୀପ କୁମାର ପତି, ପ୍ରତାପ ଚନ୍ଦ୍ର ସିଂ, ବିଶିଷ୍ଟ ସଂଗୀତଜ୍ଞ ଅଜୟ କୁମାର ଦାସ, ଚିତ୍ତରଞ୍ଜନ ସେନାପତି, ଅନନ୍ତ ଚରଣ ସାହୁ, ସଦାଶିବ ସ୍ୱାଇଁ, ଗୋପାଳ ବଳ ତଥା ବାଲିଗାଁ, ଆବଲପୁର, ଆଳିସ, ପ୍ରହରାଜପୁର, ରାୟଗୁରପୁର, ଡେଇଶିପୁର, ପୋଡ଼ଙ୍ଗ, ଶ୍ରୀପତିପୁର, ପାଞ୍ଚବାଟିଆ ଆଦି ଗ୍ରାମର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ ଭୁବନ ସ୍ପୋର୍ଟିଂ

ସାକ୍ଷୀଗୋପାଳ,୨୧।୧(ସମିସ): ପଞ୍ଚସଖା ମେମୋରିଆଲ କ୍ଲବ୍, ସାକ୍ଷୀଗୋପାଳ ତରଫରୁ ଆୟୋଜିତ ୨୯ତମ ପଞ୍ଚସଖା ଓ ପ୍ରଥମ ସୂର୍ଯ୍ୟ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବୁଧବାର ଚତୁର୍ଥ ଦିନରେ ଭୁବନ ସ୍ପୋର୍ଟିଂ, ଢେଙ୍କାନାଳ ସହ ଆୟୋଜକ ପଞ୍ଚସଖା ମେମୋରିଆଲ କ୍ଲବ୍ ମଧ୍ୟରେ ସେମି ଫାଇନାଲରେ ପହଞ୍ଚିବା ପାଇଁ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ପଞ୍ଚସଖା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ବିଜୟ ବେହେରାଙ୍କ ଆକର୍ଷଣୀୟ ୮୭ ରନ୍ ସହାୟତାରେ ୨୧୩ ରନ୍ ସଂଗ୍ରହ କରିଥିଲା। ଭୁବନ ଏକାଦଶର ପ୍ରଭାତ ମହାରଣା ୩ଟି ୱିକେଟ ନେଇଥିଲେ। ଜବାବରେ ଭୁବନ ସ୍ପୋର୍ଟିଂ ଲକ୍ଷ୍ମୀଧର ସାହୁଙ୍କ ୭୫ ରନ୍, ଗୁରୁଦେବ ଦାସଙ୍କ ୪୫ ରନ୍ ଓ ଲୋଟସ୍ ଗୁରୁଙ୍କ ଅପରାଜିତ ୪୦ ରନ୍ ସହାୟତାରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚ୍‌କୁ ସତ୍ୟସାଗର ଦାଶ ଓ ଚନ୍ଦ୍ରମାଧବ ଦାଶ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ବରିଷ୍ଠ ସମାଜସେବୀ ଦେବେନ୍ଦ୍ର ମହାପାତ୍ର ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପାରା ମାଉଣ୍ଟ କ୍ରିକେଟ କ୍ଲବ୍‌ର ପ୍ରାକ୍ତନ ଖେଳାଳି ଅମର ମହାପାତ୍ର ଓ ସମାଜସେବୀ ସଞ୍ଜୟ ମହାପାତ୍ର ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ।

## ସମାଜସେବୀଙ୍କ ପରଲୋକ



କୁଣ୍ଢେଇ,୨୧।୧(ସମିସ): କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ସମାଜସେବୀ, ପରୋପକାରୀ ବାଳକୃଷ୍ଣ ସାହୁ (୭୬)ଙ୍କର ରବିବାର ହୃଦଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ସନ୍ତୋଷ ସାହୁ ମୁଖାଗ୍ନି ଦେଇଥିଲେ।

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜନ୍ମବାର୍ଷିକୀ

ଗୋପ,୨୧।୧(ସମିସ): ଗୋପ ବ୍ଲକ୍ ଅଧୀନ କୁଆଁପଡ଼ା ପଞ୍ଚାୟତସ୍ଥିତ ଚଢ଼େଇଗାଁ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଭାରତ କେଶରୀ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ରାଜ୍ୟର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ "ସୁଧା'ର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହା ଗତ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ଆୟୋଜିତ ହେବ। ଏଥିରେ ମୁଖ୍ୟ ଅତିଥି ଭାବେ ଅସିତ୍ ଦାଶ ଏବଂ ପ୍ରଧାନଶିକ୍ଷକ ରମାକାନ୍ତ ସେଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ରଚନା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ "ସୁଧା'ର ଅଧ୍ୟକ୍ଷ ସଞ୍ଜୟ ମିଶ୍ର ପରିଚାଳନା କରିଥିଲେ। ପରିଶେଷରେ ରମେଶ ଚନ୍ଦ୍ର ପଡ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ମଞ୍ଚ ପରିଚାଳନା କରିଥିଲେ ଲକ୍ଷ୍ମୀପ୍ରିୟା ପଲାଇ।

## ସାମ୍ବତ୍ସରିକ ସାରସ୍ୱତ ପ୍ରତିଭା ସମ୍ମାନ ଉତ୍ସବ



କୃଷ୍ଣପ୍ରସାଦ,୨୧।୧(ସମିସ)

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ସାତପଡ଼ା ପଞ୍ଚାୟତ ଅଧୀନସ୍ଥ ବାଘମୁଣ୍ଡା ନୁଆଗାଁଠାରେ ଅବସ୍ଥିତ ବାସୁଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ୫୭ତମ ସାମ୍ବତ୍ସରିକ ସାରସ୍ୱତ ପ୍ରତିଭା ସମ୍ମାନ ୨୦୨୫-୨୬ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ବିଦ୍ୟାଳୟର

ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଉତ୍ସବରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଦର୍ଶନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ରୂପେ ସାତପଡ଼ା ପଞ୍ଚାୟତ ସରପଞ୍ଚ ରଶ୍ମିତା ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ପଞ୍ଚସଖା ଶିକ୍ଷା ସେତୁ କମିଟି ସଦସ୍ୟ ତଥା ବରିଷ୍ଠ ବୁଦ୍ଧିଜୀବୀ ରବୀନ୍ଦ୍ର କୁମାର ବାରିକ, ସମ୍ମାନିତ ବକ୍ତା ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ମାଝୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରାକ୍ତନ ପ୍ରଧାନଶିକ୍ଷକ ବାନାମ୍ବର ଜେନା, ସିଆର୍‌ସିସି ବିରଞ୍ଚି ସୁଆର, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ହରିହର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣ ଓ ସଂସ୍କାରି ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସାହିତ୍ୟ ପତ୍ରିକା ପ୍ରଜ୍ଞା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଉକ୍ତ ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ଦେବାଶିଷ ପ୍ରଧାନ ଜାତୀୟସ୍ତରରେ ଜୁନିୟର ଭଲିବଲ ଖେଳି ଚାମ୍ପିଅନ ହୋଇଥିବାରୁ ଏନ୍‌ଆର୍ ଫାଉଣ୍ଡେସନ ସାତପଡ଼ା ତାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସବୁ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଫାଉଣ୍ଡେସନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର କୁମାର ମାଝୀ ଘୋଷଣା କରିଥିଲେ। ବିଦ୍ୟାଳୟର ପ୍ରାଥମିକ ଶିକ୍ଷକ ଅଶୋକ କୁମାର ପ୍ରଧାନଙ୍କ ରଚନା ଏବଂ ନିର୍ଦ୍ଦେଶନାରେ କ୍ଷୁଦ୍ର ନାଟକ ଅନ୍ତସ୍ୱର ମଞ୍ଚସ୍ଥ ହୋଇଥିଲା। ସହକାରୀ ଶିକ୍ଷୟିତ୍ରୀ ମାନିନୀ ଜାଲି, ପରସ୍ମିତା ଜେନା, କୃଷ୍ଣପ୍ରିୟା ଜାଲି, ବାସନ୍ତୀ ପରିଡ଼ା, ଅର୍ଚ୍ଚନା ବେହେରା, ଶିକ୍ଷକ ସତ୍ୟ ନାରାୟଣ ପ୍ରଧାନ, ଜୁଏଲ୍ ମଣ୍ଡଳ, ସଂଗ୍ରାମ ବେହେରା, ବଟକୃଷ୍ଣ ସେନାପତି, ଅଶୋକ ପ୍ରଧାନ, ମୋହନ ସୁନ୍ଦର ବାରିକୀ, ନଉସଦ ଆଲାମ, ପାର୍ଥସାରଥୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଖଣ୍ଡପଡ଼ା ଏସଡିପିଓଙ୍କ ନାମରେ ଡିଜିଙ୍କୁ ଫେରାଦ ଘଟଣା

# ଏସ୍‌ପିଙ୍କୁ ଭେଟି ଅଭିଯୋଗ ଜଣାଇଲେ ପୀଡ଼ିତା

ନୟାଗଡ଼,୨୧ ।୧(ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଜଣେ ଅଭିଯୋଗକାରିଣୀଙ୍କୁ ଦୁର୍ବ୍ୟବବହାର କରିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗକାରିଣୀ ଫତେଗଡ଼ ଥାନା ଅନ୍ତର୍ଗତ ଭଗବନାପୁର ଗ୍ରାମର ମଞ୍ଜୁ ଦଳେଇ ଡିଜିଙ୍କ ପରାମର୍ଶ କ୍ରମେ ବୁଧବାର ନୟାଗଡ଼ ଏସ୍‌ପିଙ୍କୁ ଭେଟି ସମସ୍ତ ଘଟଣା ଜଣାଇଛନ୍ତି । ଏସ୍‌ଡିପିଓଙ୍କ ମନମୁଖି କାର୍ଯ୍ୟ ସମେତ ମଞ୍ଜୁଙ୍କ ପ୍ରତି ଅଶାଳୀନ ବ୍ୟବହାର ଓ ନିର୍ଯାତନା ଦେବା ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ କରିଥିଲେ । ଏହି ଘଟଣା ବୁଝିବା ପାଇଁ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ନୟାଗଡ଼ ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଆଜି ପୀଡ଼ିତା ଏସ୍‌ପିଙ୍କୁ ଭେଟିବା ସହ ଗଣମାଧ୍ୟମ ଆଗରେ ସମସ୍ତ ଘଟଣା ବଖାଣିଛନ୍ତି ।



ପୀଡ଼ିତାଙ୍କ ପରିବାର ସହ ଉକ୍ତ ଗ୍ରାମର ଅନ୍ୟ ଏକ ପରିବାର ସହ ବାଦବିବାଦ ରହିଥିଲା । ଯାହାକୁ ନେଇ ଉକ୍ତ ପରିବାରର ୩ ପୁଅ ଅକ୍ରୁର ଦଳେଇ, ମାଧବ ଦଳେଇ, ଅଭିରାମ ଦଳେଇ ତାଙ୍କୁ ମାନସିକ ଓ ଶାରୀରିକ ଭାବେ ଆକ୍ରମଣ କରୁଥିଲେ । ଏନେଇ ପୀଡ଼ିତା ଫତେଗଡ଼ ଥାନାରେ ଅଭିଯୋଗ କରିଥିଲେ । ବାରମ୍ବାର ଏହାକୁ ନେଇ ଆପୋସ ସମାଧାନ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା । ଅନ୍ୟପଟେ ତାଙ୍କ ଏତଲାକୁ ମଧ୍ୟ ପୁଲିସ ପଞ୍ଜୀକରଣ କରି ନ ଥିଲା । ଫଳରେ ସେ ଭାପୁରରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଖଣ୍ଡପଡ଼ା ଏସଡିପିଓଙ୍କୁ ଘଟଣା ବୁଝିବାକୁ କହିଥିଲେ । ତେବେ ଏସ୍‌ଡିପିଓ ତାଙ୍କୁ କାର୍ଯ୍ୟାଳୟକୁ ଡାକି ଧମକ ଦେବା ସହ ଲାଞ୍ଚ ମାଗିବା ଏବଂ ଅନୈତିକ କାର୍ଯ୍ୟ କରିବାକୁ ବାଧ୍ୟ କରିଥିବା ନେଇ ପୁଲିସ ମହାନିର୍ଦ୍ଦେଶକଙ୍କୁ ଅଭିଯୋଗ ହୋଇଛି । ଏପରିକି ପୀଡ଼ିତାଙ୍କ ବାପା ଓ ଭାଇଙ୍କୁ ଏସ୍‌ଡିପିଓ ମାଡ଼ମାରି ତାଙ୍କ କାର୍ଯ୍ୟାଳୟରୁ ବାହାର କରି ଦେଇଥିବା ସେ କହିଛନ୍ତି । ଆଜି ପୀଡ଼ିତା ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀଙ୍କୁ ଭେଟି ଘଟଣା ବାବଦରେ ଅବଗତ କରିଥିଲେ । ଏସ୍‌ପି ସମସ୍ତ ବିଷୟ ଶୁଣିବା ପରେ ଜଣେ ଅତିରିକ୍ତ ଏସ୍‌ପିଙ୍କ ଦ୍ୱାରା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ପୀଡ଼ିତା କହିଛନ୍ତି ।

## ମୋଷ୍ଟ ୱାଣ୍ଟେଡ୍ ବାଇକ୍ ଚୋର ଗିରଫ

ଓଡ଼ଗାଁ,୨୧ ।୧(ସମିସ): ଏକାଧିକ ମାମଲାରେ ସମ୍ପୃକ୍ତ ଜଣେ ଆନ୍ତଃ ଜିଲ୍ଲା ମୋଷ୍ଟ ୱାଣ୍ଟେଡ୍ ବାଇକ୍ ଚୋରକୁ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପୁଲିସ ଗିରଫ କରିଛି । କଟକ, ଭୁବନେଶ୍ୱର, କନ୍ଧମାଳ ସହ ବିଭିନ୍ନ ଜିଲ୍ଲାରେ ରେକର୍ଡ ସଂଖ୍ୟକ ମାମଲାରେ ସମ୍ପୃକ୍ତି ଥିବା ଏହି ଚୋର ଗିରଫ ପରେ ଆଶ୍ୱସ୍ତି ପ୍ରକାଶ ପାଇଛି । ଅପରାଧୀ ଜଣକ ଓଡ଼ଗାଁ ଥାନା ରୋହିବାଙ୍କ ପଞ୍ଚାୟତ ଭଗବତୀ ପ୍ରସାଦ ଗାଁର ଶ୍ୟାମଘନ ରାଉତଙ୍କ ପୁଅ ଜଟି ଓରଫ ସୁଶାନ୍ତ କୁମାର ରାଉତ । ସୁଶାନ୍ତ ଟ୍ରେନ ଯାତ୍ରୀଙ୍କୁ ଆଳାପ ଆଲୋଚନା ମାଧ୍ୟମରେ ଆପଣାଇ ସୁବିଧାଜନକ ଭାବେ ନାକରେ ରାସାୟନିକ ପଦାର୍ଥ ଶୁଙ୍ଘାଇ ନିଶ୍ଚଳ କରିବା ପରେ ସେମାନଙ୍କଠାରୁ ସମସ୍ତ ସାମଗ୍ରୀ ଲୁଟ୍ କରିନେବାରେ ଧୁରନ୍ଧର ଥିଲା । ଲୁଟ୍ କରି ପୁଲିସକୁ ଚକମା ଦେଇ ଖସିଯାଉଥିଲା । ଏଥିସହିତ ସେ ଜଣେ ବୃତ୍ତିଗତ ବାଇକ୍ ଚୋର ଥିଲା । ବିଭିନ୍ନ ଜିଲ୍ଲାରେ ଏନେଇ ଅଭିଯୋଗ ରହିଥିବା ବେଳେ ରଣପୁର ଥାନାରେ ତା' ନାମରେ ୱାରେଣ୍ଟ ଜାରି ହୋଇଥିଲା । ରଣପୁର ଥାନା ଓଡ଼ଗାଁ ପୁଲିସକୁ ୱାରେଣ୍ଟି ହସ୍ତାନ୍ତର କରିବା ପରେ ଓଡ଼ଗାଁ ପୁଲିସ ଖାନତଲାସ କରିବା ସହ ମଙ୍ଗଳବାର ରାତିରେ ଭଗବତୀ ପ୍ରସାଦ ଗାଁରେ ଚାଲିଥିବା ମକରମେଳାରୁ ତାକୁ ଗିରଫ କରିଥିଲା । ପରେ ତାକୁ ରଣପୁର କୋର୍ଟରେ ହାଜର କରାଯାଇଥିଲା । ଜାମିନ ଖାରଜ ହେବାରୁ ତାକୁ ରଣପୁର ଜେଲ ପଠାଇ ଦିଆଯାଇଛି ।

## ଗୁହାଳ ଭାଙ୍ଗିଲା ଫର୍ଚୁନର୍

ଦଶପଲ୍ଲା,୨୧ ।୧(ସମିସ): ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥର ଦଶପଲ୍ଲା ଥାନା କୁଆଁରିଆ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ପାଇପ୍ ବୋଝେଇ ଡାଲା ଅଟୋକୁ ପଛପଟୁ ଧକ୍କା ଦେଇଛି ଫର୍ଚୁନର୍ କାର୍ । ଦଶପଲ୍ଲା ପଟୁ ଯାଉଥିବା ଅଟୋକୁ ଦ୍ରୁତଗତିରେ ଆସି କାର୍ ପଛପଟୁ ଧକ୍କାଦେବା ପରେ ରାସ୍ତା ପାଶ୍ୱର୍ରେ ଥିବା ବଂଶୀଧର ପ୍ରଧାନଙ୍କ ଗୁହାଳ ଘରେ ପଶିଯାଇଥିଲା । ଫଳରେ ଗୁହାଳ ଭାଙ୍ଗିଯିବା ସହ ଭିତରେ ଥିବା ଗୋଟିଏ ଗାଇର ମୃତ୍ୟୁ ହୋଇଛି । ସେପଟେ ଅଟୋଟି ଦୁର୍ଘଟଣା ପରେ ଓଲଟି ପଡ଼ିଥିଲା । ଅଟୋ ଡ୍ରାଇଭରଙ୍କ ମୁଣ୍ଡ ଫାଟିଥିବା ବେଳେ କାରରେ ଥିବା ତିନିଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଦୁଇଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଦଶପଲ୍ଲା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ି ଜବତ କରି ତଦନ୍ତ କରୁଛି ।

## ସହଜ ଯୋଗଧ୍ୟାନ ଶିବିର ଉଦ୍‌ଯାପିତ

ଓଡ଼ଗାଁ,୨୧ ।୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୋମଣ୍ଡ ମକରପଦା ଗ୍ରାମରେ ସହଜ ଯୋଗ ଟ୍ରଷ୍ଟ ଆୟୋଜନରେ ଗତ ୧୭ ତାରିଖରୁ ଚାଲିଥିବା ସହଜ ଯୋଗଧ୍ୟାନ ଶିବିର ମଙ୍ଗଳବାର ଉଦଯାପିତ ହୋଇଛି । ପରମପୂଜ୍ୟ ମାତାଜୀ ନିର୍ମଳା ଦେବୀଙ୍କ ପ୍ରତିଷ୍ଠିତ ସହଜ ଯୋଗ କୁଣ୍ଡଳିନୀ ଧ୍ୟାନ ପ୍ରଣାଳୀ ମାଧ୍ୟମରେ ଆତ୍ମସାକ୍ଷାତକାର ପ୍ରାପ୍ତି ଓ ସନ୍ତୁଳିତ ଜୀବନଯାପନ ପାଇଁ ଶାରୀରିକ, ମାନସିକ, ଆଧ୍ୟାତ୍ମିକ ଏବଂ ବୌଦ୍ଧିକ ଶିକ୍ଷା ପ୍ରଦାନ କରାଯାଇଥିଲା । ଜାତି, ଧର୍ମ, ବର୍ଣ୍ଣ ଭେଦଭାବରୁ ଊର୍ଦ୍ଧ୍ୱରେ ରହି ସମଗ୍ର ବିଶ୍ୱ ମାନବ ସମାଜର କଲ୍ୟାଣ ନିମିତ୍ତ ସହଜ ଯୋଗଧ୍ୟାନର ପ୍ରୟୋଗ ଓ ଉପକାରିତା ବିଷୟରେ ଶିବିରାର୍ଥୀମାନେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ । ସୁରେଶ ଚନ୍ଦ୍ର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ୨ ଶହରୁ ଅଧିକ ଶିବିରାର୍ଥୀ ଅଂଶଗ୍ରହଣ କରିଥିଲେ । ପରମପୂଜ୍ୟ ମାତାଜୀ ନିର୍ମଳା ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ସହଜ ଯୋଗଧ୍ୟାନ ପ୍ରଣାଳୀ ବର୍ତ୍ତମାନ ବିଶ୍ୱର ୧୭୦ରୁ ଅଧିକ ଦେଶରେ ସଫଳତାର ସହ ପ୍ରଚାରପ୍ରସାର ହୋଇଚାଲିଛି ।

### ପଠାଣି ସାମନ୍ତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଛାତ୍ରଛାତ୍ରୀ ନିଜକୁ ଭଲ ମଣିଷ ଭାବେ ଗଢ଼ି ତୋଳନ୍ତୁ'

ଖଣ୍ଡପଡ଼ା/ଭାପୁର,୨୧ ।୧(ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି । ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ଦାଶଙ୍କ ମନ୍ତ୍ରଧ୍ୱନିରେ ଅତିଥିମାନେ ମହାବିଦ୍ୟାଳୟ ପରିସରରେ ସ୍ଥାପିତ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତି ଏବଂ ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବରିଷ୍ଠ ଅଧ୍ୟାପକ ଭାଗୀରଥି ମହାରଣାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଭାରତ ଭୂଷଣ ରଥ ଯୋଗଦେଇ ଛାତ୍ରଛାତ୍ରୀମାନେ ସଂସ୍କାରୀ ହେବା ସହ ନିଜକୁ ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନୟାଗଡ଼ ଉପଜିଲ୍ଲାପାଳ ତଥା ପରିଚାଳନା କମିଟି ସଭାପତି କର୍ଣ୍ଣଦେବ ସମାଦାର, ଏସଡିପିଓ ମଦନ ମୋହନ ପ୍ରଧାନ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବାଇଗୁଣିଆ ସରପଞ୍ଚ ନିରୁପମା ମହାରଣା ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ଜୀନା ସାମଲ ଯୋଗଦେଇଥିଲେ ।




ଏହି ଅବସରରେ ମହାବିଦ୍ୟାଳୟ ୨୪ତମ ମୁଖପତ୍ର ଦ' ସାମନ୍ତଶ୍ରୀଦ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ମହାବିଦ୍ୟାଳୟ ଅଧକ୍ଷ ତଥା ପରିଚାଳନା କମିଟି ସମ୍ପାଦକ ଡ. ସ୍ୱଚ୍ଛ ସଲୀଳା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ମହାବିଦ୍ୟାଳୟର ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରିଥିବାରୁ ମହାବିଦ୍ୟାଳୟ ପକ୍ଷରୁ ଧନ୍ୟବାଦ ଦେଇଥିଲେ । ଏହି ପ୍ରରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଓ ଉଲ୍ଲେଖନୀୟ ଅବଦାନ ପାଇଁ ଅତିଥିମାନେ ଛାତ୍ରଛାତ୍ରୀ ଏବଂ ବ୍ୟକ୍ତିବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ବରିଷ୍ଠ ଅଧ୍ୟାପକ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଗୀତ ମହ୍ଲାର ପକ୍ଷରୁ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ଖଣ୍ଡପଡ଼ା ଓ ଭାପୁର ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ ଓ ପୁଲିସ ତଥା ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

## ସିଦ୍ଧେଶ୍ୱର ମନ୍ଦିରରୁ ହୁଣ୍ଡି ଚୋରି



ନୟାଗଡ଼,୨୧ ।୧(ସମିସ): ନୟାଗଡ଼ ସହର ନୂଆରାଜବାଟୀ ନିକଟରେ ଥିବା ସିଦ୍‌ଧେଶ୍ୱର ମହାଦେବଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ହୁଣ୍ଡି ଟେକିନେବା ସହ ସେଥିରେ ଥିବା ଟଙ୍କା ଲୁଟି ନେଇଛନ୍ତି । ମଙ୍ଗଳବାର ରାତିରେ ପୂଜକ ମନ୍ଦିର ବନ୍ଦ କରି ଯାଇଥିଲେ । ବୁଧବାର ସକାଳେ ମନ୍ଦିର ଖୋଲିବାକୁ ଆସିବା ବେଳେ ମନ୍ଦିରର ଦୁଇଟି ତାଲା ଭଙ୍ଗାହୋଇ ପଡ଼ିଥିବା ଦେଖି ସମ୍ପାଦକଙ୍କୁ ଖବର ଦେଇଥିଲେ । ସମ୍ପାଦକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ହୁଣ୍ଡି ଚୋରି ହୋଇଥିବା ଜଣାପଡ଼ିଥିଲା । ହୁଣ୍ଡିରେ ପ୍ରାୟ ୩୦ହଜାର ଟଙ୍କା ଥିଲା ବୋଲି କୁହାଯାଇଛି । ତେବେ ମନ୍ଦିରରୁ କୌଣସି ମୂର୍ତ୍ତି ଚୋରି ହୋଇ ନ ଥିବା ଜଣାପଡ଼ିଛି । ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ପରେ ନିକଟସ୍ଥ ପୋଖରୀ କୂଳରେ ହୁଣ୍ଡି ବାକ୍ସ ପଡ଼ିଥିବା ଦେଖିବାକୁ ମିଳିଥିଲା । ଚୋରମାନେ ବ୍ୟବହାର କରିଥିବା ଲୁହାରଡ୍, ପେଚକସ୍ ଏବଂ ହାତ ଗ୍ଲୋବ୍ସକୁ ପୁଲିସ ମନ୍ଦିର ନିକଟରୁ ଜବତ କରିଛି । ପୁଲିସ ସନ୍ଧାନୀ କୁକୁର ସହାୟତାରେ ଛାନଭିନ୍ କରିଛି । ନୟାଗଡ଼ ସହର ଏବଂ ଆଖପାଖରେ ଚୋରି ବଢ଼ିଥିବା ବେଳେ ପୁଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

# ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ଗଣିଆ,୨୧ ।୧(ସମିସ): ସ୍ଥାନୀୟ ପିଏମ୍‌ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଛି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଏବିଇଓ ନିରୁପମା ମହାପାତ୍ର, ରବୀନ୍ଦ୍ର କୁମାର ବେହେରା, ସରପଞ୍ଚ ଗିରିଧାରୀ ସେଠୀ, ଫକୀର ମୋହନ ଡାକୁଆ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନୀହାରବାଳା ରାଉତ, ପଞ୍ଚସଖା ଶିକ୍ଷାସେତୁ ସଂଗଠନ ସଭାପତି ଦେବାନନ୍ଦ ମିଶ୍ର, ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିଙ୍କୁ ବିଦ୍ୟାଳୟ ତରଫରୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ତରଫରୁ ଆକାଂକ୍ଷା ମେଳା, ଟ୍ୟାଲେଣ୍ଟ ଗ୍ୟାଲେରୀ, କୈଶଳୀ କ୍ଲବ, ଖାଦ୍ୟମେଳା ଆଦିକୁ ଅତିଥିମାନେ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ନିଜ ପ୍ରଚେଷ୍ଟାରେ ବିଭିନ୍ନ ଖାଦ୍ୟ ସାମଗ୍ରୀ ତିଆରି କରି ବିକ୍ରି କରିଥିବା ବେଳେ ଏହି ଷ୍ଟଲ୍‌ଗୁଡ଼ିକରେ ପ୍ରବଳ ଭିଡ଼ ଜମିଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ସସ୍ମିତା ମଣ୍ଡଳ ଏବଂ ଉର୍ଜା ସାହୁ ମଞ୍ଚ ପରିଚାଳନା କରିଥିଲେ । ଉଦଯାପନୀ ଉତ୍ସବରେ ପୂର୍ବତନ ବିଇଓ ରବୀନ୍ଦ୍ରନାଥ ରାଉତରାୟ, ଶିକ୍ଷାବିତ୍ ପ୍ରଧାନୀ ବୃନ୍ଦାବନୀ ମହାପାତ୍ର, ବିଆରସିସି ବିନୋଦିନୀ ପଣ୍ଡା, ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ ।

## ସମାଜସେବୀଙ୍କ ଦେହାନ୍ତ

ଭାପୁର,୨୧ ।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟା ବିଷ୍ଣୁପ୍ରିୟା ନାୟକଙ୍କ ସ୍ୱାମୀ ସମାଜସେବୀ ବୈଷ୍ଣବ ଚରଣ ନାୟକଙ୍କର ମଙ୍ଗଳବାର ରାତିରେ ଦେରାନ୍ତ ହୋଇଛି । ସେ ଦେଢ଼ମାସ ପୂର୍ବେ ବିଲରେ ଟ୍ରାକ୍ଟରରେ ଧାନ ଲଦୁଥିବା ସମୟରେ ଅସାବଧାନତା ବଶତଃ ଖସିପଡ଼ି ଗୁରୁତର ଆହତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଛି । ବୈଷ୍ଣବ ଜଣେ ଆମାୟିକ ବ୍ୟକ୍ତି ଥିଲେ । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବିଳମ୍ବିତ ରାତିରେ ମୃତଦେହ ପହଞ୍ଚିବା ପରେ ଗ୍ରାମ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ବିବନ ଅପ୍ରାଭବ ରଣସିଂହ ମୁଖାଗ୍ନି ଦେଇଥିଲେ ।

# ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

ଦଶପଲ୍ଲା,୨୧ ।୧(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ସଭାଗୃହରେ ବୁଧବାର ଦ୍ୱାଦଶ ପଞ୍ଚାୟତ ସମିତି ଅଧିବେଶନ ଆ ୟୋ ଜି ତ ହୋଇଥିଲା । ଏଥିରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପଧ୍ୟକ୍ଷା ଅନୁପମା ବେହେରା, ଜିଲ୍ଲା ପରିଷଦ ସଭ୍ୟ ହରିଶ୍ଚନ୍ଦ୍ର ଜାନୀ, ବସନ୍ତ ପ୍ରଧାନ, ସତ୍ୟଭାମା ନାୟକ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଓ ଦଶପଲ୍ଲା ବିଡିଓ ଶରତ ଚନ୍ଦ୍ର ମଲ୍ଲିକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ । ବୈଠକ ଆରମ୍ଭର ୩୦ ମିନିଟ ପର୍ଯ୍ୟନ୍ତ ସବୁ ଶାନ୍ତିଶୃଙ୍ଖଳା ସହ ଚାଲିଥିବା ବେଳେ ପରେ ପ୍ରତ୍ୟେକ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ଠପ୍ ହୋଇଥିବା ଅଭିଯୋଗ କରିବା ସହ ବିଲ୍ ପାସ ପ୍ରସଙ୍ଗରେ ସମସ୍ତ ଜନପ୍ରତିନିଧି ବିଡିଓଙ୍କ ଉପରେ ବର୍ଷିଥିଲେ । ବୈଠକ ଅଧାରୁ ଉଠି ଆସି ବିଡିଓଙ୍କ କାର୍ଯ୍ୟାଳୟ ସମୁଖରେ ଦୀର୍ଘ ୧ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ନାରା ଦେଇ ଧାରଣାରେ ବସିଥିଲେ । ଶେଷରେ ବିଡିଓ ନିଜ ଭୁଲ ବୁଝିବା ସହ ମାସକ ମଧ୍ୟରେ ସମସ୍ତ ବିକାଶ କାର୍ଯ୍ୟ ସମାପ୍ତ ହେବା ପରେ ବୈଠକ ହେବ ବୋଲି କହିଥିଲେ । ବିଡିଓଙ୍କ ଏହି ପ୍ରତିଶ୍ରୁତି ପରେ ଜନପ୍ରତିନିଧିମାନେ ଧାରଣାରୁ ଉଠିଥିଲେ ।



### ବିଦ୍ୟାଳୟସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ

# ତିନିଦିନ ଢୁଲୁକିବ ମହୋତ୍ସବ ପଡ଼ିଆ



ଖଣ୍ଡପଡ଼ା,୨୧ ।୧(ସମିସ): ଖଣ୍ଡପଡ଼ା ସାମନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆସନ୍ତା ୨୩, ୨୪ ଓ ୨୫ ତାରିଖ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଛି । ଏ ନେଇ ଖଣ୍ଡପଡ଼ା ସହରାଞ୍ଚଳ ବାଇପାସ ପଡ଼ିଆରେ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅତ୍ୟାଧୁନିକ ମଞ୍ଚ ଓ ବିଭିନ୍ନ ଆଲୋକମାଳା ସାଙ୍ଗକୁ ପ୍ରତ୍ୟହ ଓଡ଼ିଶାର ନାମୀଦାମୀ କଣ୍ଠଶିଳ୍ପୀ ଓ ସିନେତାରକାଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି । ସେହିପରି ମହୋତ୍ସବ ପରିସରରେ ଛୋଟ ଓ ବଡ଼ ପିଲାଙ୍କ ମନୋରଞ୍ଜନ ନିମନ୍ତେ ରାମଦୋଳି, ଜିଗଜାଗ, ୱାଟର ବୋଟ, ମିକିମାଉସ୍ ଓ ଡ୍ରାଗନ୍ ଭଳି ବିଭିନ୍ନ ଦୋଳି ବ୍ୟବସ୍ଥା ରଖାଯାଇଛି । ପ୍ରତ୍ୟେକ ଦିନ ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସଭାପତି ଗିରିଜା ପ୍ରସାଦ ମିଶ୍ର, ଆବାହକ ବିଧାନଚନ୍ଦ୍ର ପ୍ରଧାନ କହିଛନ୍ତି । ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଆୟୋଜକ କମିଟି ପକ୍ଷରୁ ବୁଧବାରଠାରୁ ପ୍ରଚାର ଗାଡ଼ି ବାହାରିଥିବା ଦେଖିବାକୁ ମିଳିଛି ।

### ବନ ବିଭାଗର ଆନ୍ତରିକତା ଅଭାବ

# 'ବରକନ୍ୟା'ର ବିକାଶ ପ୍ରତି ଅଣଦେଖା

ନୟାଗଡ଼,୨୧ ।୧(ସମିସ)

ବର୍ଷସାରା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ବରକନ୍ୟା ଝରଣା । ଝରଣାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଉନ୍ନୟନ କାର୍ଯ୍ୟରେ ମନ୍ଥରତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିର୍ବାଚନ ପରେ ଏଭଳି ଅଭାବନୀୟସ୍ଥିତିର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନିହଲପ୍ରସାଦ ଗ୍ରାମ ନିକଟ ବରକନ୍ୟା ଝରଣା ଏବେ କାହାପାଇଁ ଆଉ ଅଜଣା ହୋଇ ରହିନାହିଁ । ଦୈନନ୍ଦିନ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଓଡ଼ଗାଁ ଅଞ୍ଚଳ ସହ ସାରା ରାଜ୍ୟର ବିଭିନ୍ନ ସ୍ଥାନରୁ ଏଠାକୁ ପର୍ଯ୍ୟଟକଙ୍କ ଆସୁଛନ୍ତି । ଦିନେ ଏହି ଜଳପ୍ରପାତ ଅଜଣା ଅଶୁଣା ହୋଇ ରହିଥିବା ବେଳେ 'ସକାଳ' ଏହାକୁ ଲୋକଲୋଚନକୁ ଆଣିବାରେ ସଫଳ ଭୂମିକା ନିଭାଇଥିଲା । ସୁବ୍ୟବସ୍ଥିତ କରାଗଲେ ପର୍ଯ୍ୟଟକଙ୍କ ସୁଅ ଛୁଟିବା ସମ୍ଭାବନା ଆଜି ସଫଳ ହୋଇଛି । ପରବର୍ତ୍ତୀ ସମୟରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଦ୍ୟମ ଇଚ୍ଛା ବଳରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାରର ବିଭିନ୍ନ ମନ୍ତ୍ରୀ ଓ ବିଧାୟକଙ୍କ ସହ ନୟାଗଡ଼ ଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏଠାକୁ ଆସି ଭିତ୍ତିଭୂମି ପରଖିଥିଲେ । ଚିରସ୍ରୋତା ବରକନ୍ୟା ଝରଣାକୁ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ପାଇଁ ମନ ବଳାଇଥିଲେ । ନୟାଗଡ଼ ବିଧାୟକଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରକଳ୍ପର ଅନୁମୋଦନ ପରେ ନୟାଗଡ଼ ବନ ବିଭାଗ ଆନୁକୂଲ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟାରମ୍ଭ ହୋଇଥିଲା । ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିବାକୁ ବସିଥିବା ବେଳେ ମାତ୍ର ୧୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଫଳରେ ବରକନ୍ୟା ଝରଣାକୁ ଓଡ଼ଗାଁ ବ୍ଲକ ତଥା ଓଡ଼ିଶାର ଏକ ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ଆଶା ଏବେ ମଳିନ ହୋଇଯାଇଛି । ନିର୍ମାଣ ହୋଇଥିବା ପଥର ପାହାଚଗୁଡ଼ିକର ଉପଯୁକ୍ତ ଉଚ୍ଚତା ନେଇ ଦୃଷ୍ଟି ଦିଆଯାଇ ନ ଥିବାରୁ ବୟସ୍କମାନେ ଚଢ଼ିବା କଷ୍ଟକର ହୋଇପଡୁଥିବା ବେଳେ ପାଶ୍ୱର୍ରେ ଆଶ୍ରୟ ବାର୍ ଲଗାଇବା ଆବଶ୍ୟକତା ରହିଛି । ସେଠାରେ ରହିବା ସୁବିଧା ପାଇଁ ନିର୍ମାଣ କରାଯାଉଥିବା କଟେଜଗୁଡ଼ିକ ଅଧପନ୍ତରିଆ ହୋଇ ପଡ଼ିରହିଛି । ଶୌଚାଳୟ, ପାନୀୟ ଜଳ, ଆଲୋକ ଓ ନେଟୱର୍କ ଭଳି ଅନେକ ଅତ୍ୟାବଶ୍ୟକ ସୁବିଧା ପ୍ରତି ଦୃଷ୍ଟି ଦେବାକୁ ପର୍ଯ୍ୟଟକମାନେ ଦାବି କରିଛନ୍ତି । ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇପାରିବ । ନୟାଗଡ଼ ବନବିଭାଗ ଏହି କାମକୁ ତ୍ୱରାନ୍ୱିତ କରିବାରେ ବିଫଳ ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଉଥିବା ରାସ୍ତା କାମ ମଧ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି । କିଛି ସ୍ଥାନରେ କଂକ୍ରିଟ, କିଛି ସ୍ଥାନରେ ପେଭର ବ୍ଲକ ରାସ୍ତା ନିର୍ମାଣ ହୋଇଥିବା ବେଳେ କିଛି ସ୍ଥାନରେ କାଦୁଅ ପଚପଚ ରହିଛି । ଓଡ଼ଗାଁ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ବରକନ୍ୟା ଝରଣା ଏକ ପ୍ରାକୃତିକ ପର୍ଯ୍ୟଟନ କ୍ଷେତ୍ର ଭାବେ ଉଭା ହୋଇଥିବା ବେଳେ ନୟାଗଡ଼ ବନବିଭାଗର ଅପାରଗତାରୁ ଏବେ ତାହା ଅଧପନ୍ତରିଆ ଭାବେ ପଡ଼ି ରହିଥିବା ଦେଖିବାକୁ ମିଳିଛି ।



# ଶିଶୁର ଚିକିତ୍ସାରେ ଡାକ୍ତରଙ୍କ ଅବହେଳା ଅଭିଯୋଗ

ବେଗୁନିଆ,୨୧।୧(ସମିସ): ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର ଗ୍ରାମର ବିପିନ ନାୟକଙ୍କ ପତ୍ନୀ ରିୟା ଏକ ବର୍ଷର ଶିଶୁ ପୁତ୍ର ବିଷ୍ଣୁ ପ୍ରସାଦକୁ ଧରି ଡ଼ାକ୍ତର ଚିକିତ୍ସାରେ ଅବହେଳା କରିବାକୁ ନେଇ ବିବୃତି ସାମାଜିକ ଗଣ ମାଧ୍ୟମରେ ଘୁରି ବୁଲୁଥିବାର ଦେଖିବାକୁ ମିଳୁଛି। ରିୟାଙ୍କ ସୂଚନା ଅନୁଯାୟୀ ଗତକାଲି ଶିଶୁ ପୁତ୍ର ବିଷ୍ଣୁ ପ୍ରସାଦର ଦେହ ଅସୁସ୍ଥ ଥିବାରୁ ବୋତଲମା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଉନ୍ନତ ମାନର ଚିକିତ୍ସା ସମ୍ଭବ ନ ଥିବାରୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇ ଥିବା ବେଳେ ଶିଶୁ ଭବନରେ ପହଁଚି ଚିକିତ୍ସା ପାଇଁ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ସେଠାରେ କାର୍ଯ୍ୟ କରୁଥିବା ଡ଼ାକ୍ତର ଜଣଙ୍କ କାଜୁଆଲିଟିକୁ ପଠାଇଥିବା ବେଳେ ନିରୁପାୟ ହୋଇ କାଜୁଆଲିଟିକୁ ଆସିବାରୁ ପୁଣି ଥରେ ଶିଶୁ ଭବନରେ ଚିକିତ୍ସା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାରି ମଧ୍ୟରେ ଦୀର୍ଘ ତିନି ଘଣ୍ଟା ବିଳମ୍ବ ହୋଇଥିବାରୁ ଶିଶୁ ଭବନରେ ପହଁଚିବାରୁ ଡ଼ାକ୍ତର ଜଣଙ୍କ ବିରକ୍ତ ହୋଇ ଏ ପର୍ଯ୍ୟନ୍ତ କାହିଁକି ଯାଇ ନାହଁ ବୋଲି କହିଥିବା ବେଳେ ବାଧ ହୋଇ ଚିକିତ୍ସା କରିଛନ୍ତି ବୋଲି ସାମାଜିକ ଗଣ ମାଧ୍ୟମରେ ଭିଡିଓଟିର ବାର୍ତ୍ତା ଘୁରି ବୁଲିବାରେ ଲାଗିଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



# ଖୋର୍ଦ୍ଧାରେ ଚିନ୍ତା ବଢ଼ାଇଲାଣି ଚୋରା ବନ୍ଧୁକ

ଖୋର୍ଦ୍ଧା,୨୧।୧(ସମିସ): ଦିନକୁ ଦିନ ଖୋର୍ଦ୍ଧା ପୁଲିସ୍ ଜିଲ୍ଲାରେ ବିଗୁଡୁଛି ଆଇନ ଶୃଙ୍ଖଳା। କଥା କଥାରେ ଗୁଳିମାଡ ହେଉଛି ତ ଆଉ କେଉଁଠି ବନ୍ଧୁକ ମୁନରେ କରାଯାଉଛି ଅପହରଣ। ହେଲେ ଚୋରା ବନ୍ଧୁକ କେଉଁଠୁ ଆସୁଛି ଏବଂ ଏଥିରେ ବାହାର ରାଜ୍ୟର ଲିଙ୍କ୍ ଅଛି କି ନାହିଁ ତାହା କେବଳ ତଦନ୍ତରେ ସୀମିତ ରହୁଛି। ବେଆଇନ ଖଣି ଖନନ ଓ ବ୍ରାଉନସୁଗର ବିକ୍ରୀ ଲାଗି ବନ୍ଧୁକଧାରୀ ଭଡାଟିଆ ଗୁଣ୍ଡା ନିୟୋଜିତ ହେଉଛନ୍ତି। ଫଳରେ ଜିଲ୍ଲାରେ ଆପରାଧିକ କାର୍ଯ୍ୟକଳାପ ବଢ଼ିଚାଲିଥିବାବେଳେ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଚୋରା ବନ୍ଧୁକକୁ ନେଇ ଏବେ ଚିନ୍ତା ବଢ଼ିଛି।

ବିଗତ ଦିନରେ ପୁଲିସ ଜବତ କରିଥିବା କିଛି ଘଟଣାକୁ ଦେଖିଲେ ଅପରାଧିମାନେ ଏବେ ବନ୍ଧୁକ ଓ ପିସ୍ତଲ ଅଧିକ ବ୍ୟବହାର କରୁଥିବା ଜଣାପଡ଼ିଛି। ବିହାର, ଝାଡଖଣ୍ଡ ପ୍ରଭୃତି ରାଜ୍ୟରୁ ୧୫ରୁ ୨୦ ହଜାର ଟଙ୍କାରେ ଚୋରା ବନ୍ଧୁକ କିଣି ସେମାନେ ଅପରାଧ ଘଟାଉଛନ୍ତି। ଚୋରା ବନ୍ଧୁକ କାରବାର ପଛରେ ଏକ ର୍ୟାକେଟ କାମ କରୁଥିବାବେଳେ ବିଭିନ୍ନ ଗଳାବାଟ ଦେଇ ଚୋରା ବନ୍ଧୁକ ଖୋର୍ଦ୍ଧାରେ ପହଁଚୁଥିବା କୁହାଯାଉଛି। ଏହାକୁ ରୋକିବା ପାଇଁ ପୁଲିସ ର ସେଭଳି ତତ୍ପରତା ଦେଖାଯାଉନଥିବା ଅଭିଯୋଗ ହେଉଛି।

ଗତ ସୋମବାର ରାତି ପ୍ରାୟ ୮ଟାବେଳେ ବେଗୁନିଆ ଥାନା ଦଲକ ରାସ୍ତାରେ ଗୁଳିମାଡ ରେ

> ବେଆଇନ ଖଣି ଖନନ, ବ୍ରାଉନସୁଗର ଲାଗି ନିୟୋଜିତ ହେଉଛନ୍ତି ବନ୍ଧୁକଧାରୀ
> ଯାଞ୍ଚ ଓ ତଦନ୍ତରେ ସୀମିତ ପୁଲିସର କାର୍ଯ୍ୟ

ଜାମୁସାହିର ବାସୁଦେବଙ୍କ ମୃତ୍ୟୁ ହୋଇଛି। ଏହାର ୪ଦିନ ପୂର୍ବରୁ ଅର୍ଥାତ୍ ଗତ ୧୪ ତାରିଖ ଦିନ ବୋଲଗଡ ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଥିଲା। ତା ଠାରୁ ଏକ ପିସ୍ତଲ ଓ ୩ ରାଉଣ୍ଡ ଗୁଳିକୁ ଜବତ କରିଥିଲା। ସେହିପରି ଗତ ମାର୍ଚ୍ଚ ୨୦ରେ ଆଦର୍ଶଥାନା ଅନ୍ତର୍ଗତ ଗୁରୁଜଙ୍ଗ ଅଂଚଳରେ ରହୁଥିବା ଜଣେ ସମିତିସଭ୍ୟାଙ୍କ ଘରେ ପଶି କିଛି ଦୁର୍ବୃତ୍ତ ଫଲସ୍ ଫାଏରିଂ କରିବା ସହିତ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କ ପୁଅକୁ ବନ୍ଧୁକ ମୁନରେ ଅପହରଣ କରିନେଇଥିଲେ। ଉକ୍ତ ସମୟରେ ଚୋରା ବନ୍ଧୁକ ସାଙ୍ଗକୁ ବୋମା ଜେଲ ଫେରନ୍ତା ଅପରାଧି ଓ ତାଙ୍କ ସହଯୋଗୀ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। କେବଳ ଏହି ଘଟଣା ନୁହେଁ, ବରଂ ସଦରଥାନା ଛତ୍ରମା ଅଂଚଳରେ ମଧ ସମାନ ଘଟଣା ଦେଖିବାକୁ ମିଳିଥିଲା। ଉକ୍ତ ମାସ ୯ ତାରିଖ ରେ ପୂର୍ବ ଶତୃତାକୁ କେନ୍ଦ୍ରକରି ନନ୍ଦପୁର ଗ୍ରାମର ୬/୭ଜଣ ଯୁବକ ଛତ୍ରମା ଗାଁ କୁ ଏକ କାର ରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଜଣକୁ ଅପହରଣ କରିଥିଲେ।

ସେହିପରି ପ୍ରାୟ ବର୍ଷେତଳେ ଦଧିମାଛଗାଡିଆ ଓ ଆଖପାଖର ୩୦/୪୦ ଯୁବକ ବେଆଇନ ଖଣି କରିବାକୁ ଯାଇ ଜଣେ ଖଣି ଲିଜଧାରୀଙ୍କ ସହ ଯୁକ୍ତି ତର୍କ କରିଥିଲେ। ପରେ ବନ୍ଧୁକ ମାରିବାରେ ଉକ୍ତ ଗୋଷ୍ଠୀର ଜଣେ ଯୁବକଙ୍କ ଠାରେ ଗୁଳିବାଜି ଆହତ ହୋଇଥିଲେ। ଏହାକୁ ବାଦ୍ ଦେଲେ ଜାତୀୟ ରାଜପଥରେ ବନ୍ଧୁକଧାରୀ ସକ୍ରିୟହୋଇଉଠିଛନ୍ତି। ଚୋରି, ଡକାୟତି, ଲୁଟ୍ ଭଳି ଘଟଣାରେ ଏଭଳି ଅପରାଧୀ ଗୋଷ୍ଠୀର ସମ୍ପୃକ୍ତି ରହୁଛି। ଉପରୋକ୍ତ କୌଣସି ଗୋଟିଏ ଘଟଣାରେ ପୁଲିସ କୁ ସଫଳତା ମିଳିନଥିବାବେଳେ କେବଳ ବୋଲଗଡ ପୁଲିସ ଜଣେ ବ୍ରାଉନସୁଗର ବେପାରୀ ଠାରୁ ଗୋଟିଏ ବନ୍ଧୁକ ଜବତ କରିଥିଲା। ଚୋରା ବନ୍ଧୁକ କାରବାରରେ ଝାଡ଼ଖଣ୍ଡ ଏବଂ ବିହାରର ପେସାଦାର ଅପରାଧୀଙ୍କ ଲିଙ୍କ୍ ଥିବା ଚର୍ଚ୍ଚା ହେଉଛି। ଅପରାଧିମାନେ ଚୋରା ବନ୍ଧୁକ କେଉଁଠୁ ଆଣୁଛନ୍ତି, ଏହା ପଛରେ ଅନ୍ୟ କେଉଁମାନଙ୍କ ହାତ ରହିଛି, ଖୋର୍ଦ୍ଧା ସହରକୁ ବନ୍ଧୁକ କିପରି ଆସୁଛି ସେ ନେଇ ଯାଂଚ ଚାଲିଥିବା ପୁଲିସ କହି କେବଳ ବାହାସ୍ଫୋଟ ମାରୁଛି। ପୁଲିସ ଓ ଗୋଇନ୍ଦା ବିଭାଗ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବୁଦ୍ଧିଜିବୀମାନେ ଅଭିଯୋଗ କରିଛନ୍ତି।

# ଗୋରୁ ବୋଝେଇ କଣ୍ଟେନର ଜବତ

## ୨୪ ଗୋରୁ ଉଦ୍ଧାର, ୪ ଗିରଫ

ଖୋର୍ଦ୍ଧା,୨୧।୧(ସମିସ): ୧୬ନଂ ଜାତୀୟ ରାଜପଥର ପିତାପଲ୍ଲୀ ଛକଠାରୁ ଆଜି ଶିଷ୍ଣାଂଚଳ ପୁଲିସ ଏକ ଗୋରୁ ବୋଝେଇ କଂଟେନର କୁ ଜବତ କରିଛି। କଂଟେନର ଭିତରୁ ୨୪ଗୋରୁ ଉଦ୍ଧାର କରି ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୋଲଗଡସ୍ଥିତ ଗୋଶାଳାରେ ଛଡାଯାଇଥିବା ଥାନା ଅଧିକାରୀ ଉମେଶ ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଉତରପ୍ରେଦଶ ଶାମଲି ର ଶାମିମ୍ (୪୩) ଓ ତସିନ୍ (୩୧), ପରୀକ୍ଷିତଗଡ ର ଏମଡି ଅସିଫ୍ (୩୯) ଏବଂ ଶାହାରାନପୁରର ଅବଦୁଲ ଭାଜିଦ୍ (୪୩)। ଗିରଫ ୪ଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। କଂଟେନରରେ ଗୋରୁ ବୋଝେଇ ହୋଇ ଆସୁଥିବା ଖବର ପାଇ ଗୋସୁରକ୍ଷା କର୍ମୀମାନେ କଂଟେନରକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର କଂଟେନରଟି ଦ୍ରୁତଗତିରେ ମାଡି ଚାଲିଥିଲା। କୌଶଳକ୍ରମେ ପିତାପଲି ଛକଠାରେ ଗୋସୁରକ୍ଷା କର୍ମୀ କଂଟେନରକୁ ଅଟକାଇ ଶିଷ୍ଣାଂଚଳ ପୁଲିସ ଜିମା ଦେଇଥିଲେ। ପୁଲିସ କଂଟେନର ଯାଂଚବେଳେ ସେଥିରେ ଗୋରୁବୋଝେଇ ହୋଇଥିବା ଦେଖିଥିଲା। ମାତ୍ର ଡ୍ରାଇଭର କୌଣସି ସଠିକ କାଗଜପତ୍ର ଦେଖାଇପାରିନଥିଲା। ତେଣୁ ପୁଲିସ ଗୋରୁବୋଝେଇ କଂଟେନରକୁ ଜବତ କରିବା ସହ ବେଆଇନ ଗୋଚାଲାଣ ଅଭିଯୋଗରେ ଏକ ମାମଲା ରୁଜୁ କରି ଡ୍ରାଇଭର ସମେତ ୪ଜଣଙ୍କୁ ଗିରଫ କରିଛି।

# ବଧୂହତ୍ୟା ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

ବାଣପୁର,୨୧।୧(ସମିସ) : ଗତ ୨୦୨୦ ମସିହାରେ ଏକ ଯୌତୁକ ନିର୍ଯାତନା ଜନିତ ବଧୂହତ୍ୟା ମାମଲା ଅଦାଲତରେ ବିଚାରଧୀନ ଥିବା ବେଳେ ସାଢେ ୫ ବର୍ଷ ପରେ ବୁଧବାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ବାଣପୁର ଥାନା ଅଞ୍ଚଳର ପତ୍ନୀ ହତ୍ୟାକାରୀ ସ୍ୱାମୀ ତପନ କୁମାର ପ୍ରଧାନକୁ ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ବାଣପୁର ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଚିତ ପ୍ରଧାନଙ୍କ ପୁଅ ତପନ ନିଜର ପତ୍ନୀ ତଥା ଦୁଇ ସନ୍ତାନର ଜନନୀ ରଶ୍ମିତାଙ୍କୁ ଯୌତୁକ ପାଇଁ ବାରମ୍ବାର ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ୨୦୨୦ ଜୁଲାଇ ୧୧ ତାରିଖ ରାତିରେ ରଶ୍ମିତାଙ୍କୁ ତଣ୍ଟି ଚିପି ଜୀବନରେ ମାରିଦେଇ ଥିବା ନେଇ ମୃତ ରଶ୍ମିତାଙ୍କ ମା' ରେଣୁବାଳା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ବାଣପୁର ପୁଲିସ ଏକ ମାମଲା ରୁଜୁ କରି ସ୍ୱାମୀ ତପନକୁ ଗିରଫ କରି କୋର୍ଟଚାଲାଣ କରି ଘଟଣାର ତଦନ୍ତ ଚଲାଇ ଥିଲା। ପରେ ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ଏହାର ଶୁଣାଣି ଚାଲିଥିଲା। ତଦନ୍ତକାରୀ ଅଧିକାରୀ ଓ ଡାକ୍ତରଙ୍କ ସମେତ ମୋଟ ୨୭ଜଣ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ଅବସ୍ଥା, ଡାକ୍ତରୀ ରିର୍ପୋଟ ଓ ବ୍ୟବଚ୍ଛେଦ ରିର୍ପୋଟ ଆଦିର ତଥ୍ୟ ପ୍ରମାଣକୁ ଆଧାର କରି ଅତିରିକ୍ତ ଜିଲା ଦୌରା ଜଜ୍ (୧) ରଞ୍ଜୁଲତା ଲେଙ୍କା, ବାଣପୁର ସର୍କିଟ କୋର୍ଟରେ ଅଭିଯୁକ୍ତ ସ୍ୱାମୀ ତପନ କୁମାର ପ୍ରଧାନକୁ ୩୦୨ ଦଫା ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡ ସମେତ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଥିବା ବେଳେ ଯୌତୁକ ଜନିତ ହତ୍ୟା ୩୦୪(ଖ) ଦଫାରେ ୧୦ ବର୍ଷ କାରାଦଣ୍ଡ ସମେତ ୫ ହଜାର ଟଙ୍କା ଜୋରିମାନା ଏବଂ ଯୌତୁକ ନିରୋଧ ଆଇନରେ ସମୁଦାୟ ଦେଢ ବର୍ଷ କାରାଦଣ୍ଡ ଏବଂ ୫ ହଜାର ଟଙ୍କା ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଥିବା ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ କହିଛନ୍ତି।

# ବୁଲା କୁକୁର ମୁହଁରେ ଲାଖି ରହିଛି ପ୍ଲାଷ୍ଟିକ ବୋତଲ

ବେଗୁନିଆ,୨୧।୧(ସମିସ): ବେଗୁନିଆ ବ୍ଲକ କଣ୍ଟାବାଢ଼ ଗ୍ରାମରେ ଏକ ବୁଲା କୁକୁର ମୁହଁରେ ପ୍ଲାଷ୍ଟିକ ବୋତଲ ଲାଗି ଥିବାରୁ ଅସହାୟ ଅବସ୍ଥାରେ ରହିଛି। ଯାହା ଫଳରେ ଦୀର୍ଘ ୪ ଦିନ ହେବ ଭୟରେ ଏଣେ ତେଣେ ବୁଲୁଥିବା ବେଳେ ମୁହଁରେ ପ୍ଲାଷ୍ଟିକ ବୋତଲ ଲାଗି ଥିବାରୁ ଖାଦ୍ୟ ଓ ପାଣି ପିଇବା ପାଇଁ ସକ୍ଷମ ହୋଇ ପାରୁ ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଗ୍ରାମର ଆସ୍ଥା ଚାରି ଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ସୁଶାନ୍ତ କୁମାର ମହାପାତ୍ର ଦୁଃଖର ସହ ବୁଲା କୁକୁଟିର ଏଭଳି ଦୟନୀୟ ସ୍ଥିତିକୁ ଦେଖି କହିଛନ୍ତି କୌଣସି ବ୍ୟକ୍ତି କୁକୁରଟିକୁ ଧରିଦେବ ତାଙ୍କୁ ୧ ହଜାର ପୁରସ୍କାର ଦିଆଯିବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣାଇଛନ୍ତି। ଅପର ପକ୍ଷରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ପ୍ରିତିଶ ରଥଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ବୁଲା କୁକୁରଟିକୁ ଧରିଲେ ଆମେ ଯାହା କରି ପାରିବୁ ବୋଲି କହିଛନ୍ତି।

# ସୁନାଖଳାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ



ଚିଲିକା,୨୧।୧(ସମିସ): ବାଣପୁର ବ୍ଲକ ଅନ୍ତର୍ଗତ ସୁନାଖଳାସ୍ଥ ଶ୍ରୀ ଅରବିନ୍ଦ ଜ୍ଞାନ ମନ୍ଦିର ପରିସର ମଧ୍ୟରେ ସ୍ଥାପିତ ହୋଇଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ବାର୍ଷିକ ସ୍ଥାପନ ଦିବସ ପାଳିତ ହୋଇ ଯାଇଛି। ପ୍ରାରମ୍ଭରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ କୁମାର ମହାପାତ୍ର। ନାଚୁଣୀ କଲେଜର ପ୍ରାକ୍ତନ ଲାଇବେରୀଆନ୍ ରାମଚନ୍ଦ୍ର ମାର୍ଥାଙ୍କ ସଭାପତିତ୍ୱରେ କାଳୁପଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ସଂଜୟ ମହାପାତ୍ର, ଶ୍ରୀ ଅରବିନ୍ଦ ପାଠଚକ୍ର ଆନ୍ଦୋଳନର ଖୋର୍ଦ୍ଧା ଜିଲ୍ଲା ଆବାହକ ସୁରେନ୍ଦ୍ର ନାଥ ଜେନା, ବଡପଦର ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ରାଉତରାୟ ଓ ବରିଷ୍ଠ ନାଗରିକ ସଂଘର ସଭାପତି ଅଶ୍ୱିନୀ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀମା' ଓ ଶ୍ରୀ ଅରବିନ୍ଦଙ୍କ ଜୀବନାଦର୍ଶନ ଉପରେ ଆଲୋକପାତ କରିଥିଲେ।

# ସୁନ୍ଦରପୁର ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ପୁରସ୍କୃତ



ଟାଙ୍ଗୀ,୨୧।୧(ସମିସ): ଟାଙ୍ଗୀ ବ୍ଲକ ଅଧିନସ୍ଥ ସୁନ୍ଦରପୁର କଲୋନୀର ମା'ଦୁର୍ଗା ପ୍ରାଥମିକ ମତ୍ସ୍ୟ ସମବାୟ ସମିତି ରାଜ୍ୟ ସରକାରଙ୍କ ଦ୍ୱାରା ଭୁବନେଶ୍ୱର ଜନତା ମଇଦାନରେ ଆୟୋଜିତ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡିଶା-୨୦୨୬ରେ ପୁରସ୍କୃତ ହୋଇଥିବା ଜଣାପଡିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ତିନି ଦିନ ଧରି ଆୟୋଜନ କରୁଥବା ଏହି ସମାବେଶକୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସୁନ୍ଦରପୁର କଲୋନୀର ମା'ଦୁର୍ଗା ମତ୍ସ୍ୟ ସମବାୟ ସମିତିକୁ ପୁରସ୍କୃତ କରିଥିବା ପରିପ୍ରେକ୍ଷୀରେ ଦୁଇ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ସମିତି ତରଫରୁ ଗୋବିନ୍ଦ ଲାଲ ରାୟ ଓ ହେମନ୍ତ ମଣ୍ଡଳ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

# ହାତୀ ଆକ୍ରମଣରେ ଯୁବକ ମୃତ

ବାଣପୁର,୨୧।୧(ସମିସ) : ବାଣପୁର ଥାନା ଅନ୍ତର୍ଗତ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବାଣପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଶାଳିଆଡ୍ୟାମ ନିକଟସ୍ଥ ପୋଡାଖାଇ ଗ୍ରାମର ଖଡିକା ଶବରଙ୍କ ପୁଅ ପ୍ରକାଶ ଶବର(୨୭) ଗତ ଶନିବାର ସନ୍ଧ୍ୟା ୫ଟାରେ ଏକ ବାଇକ ଯୋଗେ ଧାନ ଚୁରାଇବା ପାଇଁ ଆସୁଥିବା ବେଳେ ଏକ ଦନ୍ତା ହାତୀ ହାବୁଡରେ ପଡିଥିଲା। ହାତୀ ପ୍ରକାଶଙ୍କୁ ଶୁଣ୍ଡରେ ଟେକି କଚାଡି ଦେବାରୁ ସେ ଗୁରୁତର ଭାବରେ ଆହତ ହୋଇ ପଡିଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନିକଟସ୍ଥ ଅଙ୍ଗାରୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ପରେ ବାଣପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ତେବେ ଚିକିତ୍ସା ପରେ ପ୍ରକାଶ ଘରକୁ ଫେରି ଯାଇଥିଲେ, ମାତ୍ର ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପ୍ରକାଶଙ୍କ ସମ୍ପର୍କୀୟଭାଇ ରାମ ଶବର ବାଣପୁର ଥାନାରେ ଅଭିଯୋଗ କରିବାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ତେବେ ବ୍ୟବଚ୍ଛେଦ ରିର୍ପୋଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ଦୀର୍ଘ ତିନି ସପ୍ତାହ ହେବ ଏକ ଗୋଠ ଛଡା ଦନ୍ତା ହାତୀ ଶାଳିଆଡ୍ୟାମ ଓ ପ୍ରତାପ ସମେତ ଆଖପାଖ ଗାଁରେ ଫସଲ ଖାଇବା ସହ ଫସଲ ନଷ୍ଟ କରି ଆତଙ୍କ ଖେଳାଇଥିବା ସ୍ଥଳେ ବନ ବିଭାଗ ପକ୍ଷରୁ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟ୍‌ବଲ

ଖୋର୍ଦ୍ଧା,୨୧।୧(ସମିସ): ଖୋର୍ଦ୍ଧା ଉପକଣ୍ଠ କାଠଖୁଁଟିଆ ଫୁଟବଲ ପଡିଆ ଠାରେ ୨୬ତମ କାଠଖୁଁଟିଆ ବିବେକାନନ୍ଦ ୟୁଥ ଫୁଟବଲ ଟୁର୍ଣ୍ଣାମେଂଟ ଆରମ୍ଭ ହୋଇଛି। ଏହି ଟୁର୍ଣ୍ଣାମେଂଟରେ ୮ଟି ଦଳ କୁମ୍ଭିଲ, କରଡାପଲ୍ଲୀ, କେରଙ୍ଗ, ଭାଲିଆବାଡି, ଏ.ଜେ କ୍ଲବ ପାଇକତିଗିରିଆ, ମା ମଙ୍ଗଳା କ୍ଲବ ବାଜପୁର, କାଠଖୁଁଟିଆ ଏବଂ ଗଡମାଣତ୍ରି ଭାଗ ନେଇଛନ୍ତି। ପ୍ରଥମ ଦିବସର ଖେଳ କୁମ୍ଭିଲ ଏବଂ କରଡାପଲ୍ଲୀ ମଧ୍ୟରେ ହୋଇଥିଲା। ଏଥିରେ କୁମ୍ଭିଲ ୨-୦ ଗୋଲରେ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ଦିବସର ଖେଳ କେରଙ୍ଗ ଏବଂ ଭାଲିଆବାଡି ମଧ୍ୟରେ ହୋଇଥିଲା। ଯେଉଁଥିରେ ଭାଲିଆବାଡି ୩-୧ ଟ୍ରାଇବେକର ମାଧ୍ୟମରେ ବିଜୟ ଲାଭ କରିଛି। ଆଜିର ଖେଳ ଏ.ଜେ କ୍ଲବ ପାଇକତିଗିରିଆ ଏବଂ ମା ମଙ୍ଗଳା କ୍ଲବ ବାଜପୁର ମଧ୍ୟରେ ହୋଇଥିଲା। ଏଥିରେ ଏ.ଜେ କ୍ଲବ ପାଇକତିଗିରିଆ ୪-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି। ମ୍ୟାଚକୁ ଗିରିଶ ଚନ୍ଦ୍ର ଜାନି ପରିଚାଳନା କରିଥିଲେ। ତାଙ୍କ ସହ ଲାଇନରେ ସଗିର ଅହମଦ ଏବଂ ପ୍ରଫୁଲ୍ଲ କୁମାର ବେହେରା ସହଯୋଗ କରିଥିଲେ। ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡିଶା ଦଳର ପୂର୍ବତନ ଖେଳାଳି ଡାନିୟଲ ନାଏକ, ସମ୍ମାନିତ ଅତିଥି ଭାବେ କେରଙ୍ଗ ଅହମଦୀୟା କ୍ଲବର ପୂର୍ବତନ ଖେଳାଳି ହେଦାୟତ ଖାଁ ଏବଂ ସୁକଦେବ ନାଏକ ଯୋଗଦେଇଥିଲେ।

# ବାଇକ ସହ ଦେଶୀ ମଦ ଜବତ, ୨ ଗିରଫ

ବାଲୁଗାଁ,୨୧।୧(ସମିସ) : ବାଣପୁର ଥାନା ଅଞ୍ଚଳରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୪ ଲିଟର ଦେଶୀ ମହୁଲି ମଦ ସମେତ ଏକ ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୨ ଜଣ ବେଆଇନ ମଦ ବେପାରୀଙ୍କୁ ଗିରଫ କରିଛି ବିଭାଗ। ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ ବୁଧବାର ପୂର୍ବାହ୍ନରେ ବାଣପୁର ଥାନା ଅନ୍ତର୍ଗତ ବାଁଲେଇ ଗ୍ରାମ ରୋଡ଼ ଓ ବେରୁଆଁବାଡି ରୋଡରେ ଚଢାଉ କରି ଚୋରା ମଦ ବିକ୍ରି କରୁଥିବା ବାଁଲେଇ ଗ୍ରାମର ମହିଳା ମଦ ବେପାରୀ ସୁରୁମା ସାମନ୍ତରାୟ(୫୯) ଓ ନାଚୁଣୀ ଥାନା ଅଧିନ ଗହିର ମୋରାମୋରୀ ଗ୍ରାମର କୈଳାଶ ପ୍ରଧାନ (୩୨)ଙ୍କୁ ଗିରଫ କରି ଉଭୟଙ୍କ ଠାରୁ ୬୪ଲିଟର ଦେଶୀ ମହୁଲି ମଦ ସହ ଏକ ବାଇକ ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ।

# ଶ୍ରୀରାଧାଗୋବିନ୍ଦ ମହୋତ୍ସବ ଉଦ୍‌ଘାଟିତ

ଟାଙ୍ଗୀ,୨୧।୧(ସମିସ): ଭୂଷଣ୍ଡପୁର ଖଟିନୂଆଗାଁ ବାଲିପାଟପୁର, ଗୋବର୍ଦ୍ଧନପୁର କଲୋନୀଠାରେ ଗ୍ରାମ୍ୟ କମିଟି ଦ୍ୱାରା ଶ୍ରୀରାଧାଗୋବିନ୍ଦ ମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ଶ୍ରୀରାଧା ଗୋବିନ୍ଦ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମହୋତ୍ସବ ପ୍ରାରମ୍ଭରେ ଟାଙ୍ଗୀ ବ୍ଲକ ଅଧିନସ୍ଥ ସାତଟି ପଞ୍ଚାୟତ ର ଶହସ୍ରାଧିକ ଶ୍ରଦ୍ଧାଳୁ ସ୍ଥାନୀୟ ତେନ୍ତୁଳିଆପଡା ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗ୍ରାମ୍ୟ ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ଥିଲେ। ଅନୁଷ୍ଠାନର ଉପଦେଷ୍ଟା ଡଃ ସଞ୍ଜୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ବିଶିଷ୍ଟ ସାଧୁ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଓଡିଶା ଆର୍ଯ୍ୟ ସମାଜର ମୁଖ୍ୟ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଯୋଗଦେଇ ଅଭିଭାଷଣ ରଖିଥିଲେ। ବିଶିଷ୍ଟ କଥାବାଚକ ଅମୃତାନନ୍ଦ ଦାସ ମହାରାଜଙ୍କ ଶ୍ରୀମଦ୍‌ଭାଗବତ କଥାମୃତ ରେ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଥିଲେ। ଭୂଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ଭାଗିରଥି ସାମନ୍ତରାୟ, ଦୁର୍ଯ୍ୟୋଧନ ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ସୁଦିପ୍ ମଣ୍ଡଳ, ଉପସଭାପତି ତାପସ ମଣ୍ଡଳ,ଉତମ ଦାସ,ତାପସ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

ଜଟଣୀ, ୨୧।୧(ସମିସ): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସବ୍ ରେଜିଷ୍ଟ୍ରାର ଅଫିସ ସାମ୍ନାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ କଟକ ଜିଲ୍ଲା ବାଙ୍କି ଥାନା ସମନ୍ତରାପୁରର ବିକାଶ କୁମାର ରଥ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ତେବେ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ ସମେତ ଗୋଟିଏ କାର ଓ ପିକ୍ ଅପକୁ ଜବତ କରିଛି ପୁଲିସ। ଘଟଣାନୁଯାୟୀ, ଆଜି ଅପରାହ୍ନ ସମୟରେ (ଏମପି୦୪ସିଏସ୪୨୮୧) ବିଶିଷ୍ଟ ଏକ କାର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ସାମ୍ନାରେ ଥିବା ଡିଭାଇଡରରେ ଖୋର୍ଦ୍ଧା ଆଡ଼କୁ ଯିବା ପାଇଁ ୟୁ ଟର୍ଣ୍ଣ ମାରୁଥିଲା। ଏହି ସମୟରେ ଖୋର୍ଦ୍ଧା ଆଡୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ କାରକୁ ପିଟିଥିଲା। ଘଟଣାସ୍ଥଳରେ ବାଇକ ଚାଳକ ତଳେ ପଡ଼ିଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଏକ ପିକ୍ ଅପ୍ ଭ୍ୟାନ୍ (ଓଡି୦୨ସିଏକ୍ସ୪୮୬୮) ଯୁବକଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ବିକାଶଙ୍କ ମୃତ୍ୟୁ ଘଟିଥିଲା।

# କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ନିରାକାରପୁର,୨୧।୧ (ସମିସ): କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ୬୦ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରତିଭମୟୀ ମିତ୍ର ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଡ. ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା, ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କ୍ରୀଡାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା କାଦମ୍ବିନୀ ସାହୁ ସ୍ୱାଗତ ଭାଷଣ ଦେଇ ଥିବା ବେଳେ ସଂସଦର ଉପ ସଭାପତି ଶିବ ପ୍ରାସାଦ ପିଡ଼ିକା ବିବରଣୀ ପାଠ କରିଥିଲେ। ଅଧ୍ୟାପକ ହର ପ୍ରସନ୍ନ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ଚନ୍ଦନ କୁମାର ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଅଧ୍ୟାପିକା ଅଞ୍ଜୁଳା ତ୍ରିପାଠୀ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ କ୍ରୀଡ଼ା ପ୍ରଶିକ୍ଷକ ମନୋଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସରୁଛି ଟୋକନ ଅବଧି; ବଢୁଛି ଚାଷୀଙ୍କ ଚିନ୍ତା

ନିରାକାରପୁର,୨୧।୧ (ସମିସ): ଜଣେ ଚାଷୀର ଟୋକନର ଅବଧି ମାତ୍ର ୨୮ ଦିନ ରହିଛି ଏହାକୁ ନଜର ରଖି ମିଲର ମାନେ ଧାନ ଉଠାଉଛନ୍ତି କିନ୍ତୁ କିଛି ସମିତିରୁ ୨ ଦିନ ଲେଖାଏଁ ଧାନ ଉଠାଇବାକୁ ଜିଲ୍ଲା ଯୋଗାଣ ଅଧିକାରୀ ଆଦେଶ ପ୍ରଦାନ କରିଛନ୍ତି କିନ୍ତୁ ଏହାକୁ ଫୁ କରି କେଉଁଠି ୨ ଦିନ ଧାନ ମଣ୍ଡି ହୋଇ ପାରୁନି ତ ଆଉ କେଉଁଠି ସପ୍ତାହକ ଧାନ ଉଠୁଛି କିନ୍ତୁ ଦୈନିକ ଲକ୍ଷ୍ୟ ୧୦୦୦ କ୍ୱିଣ୍ଟାଲ ଧାନ ଉଠାଇବାର ଲକ୍ଷ୍ୟ ଥିବା ବେଳେ ମାତ୍ର ଦୈନିକ ୪୦୦ ରୁ ୫୦୦ କ୍ୱିଣ୍ଟାଲ ଭିତରେ ମିଲର ଧାନ ଉଠାଉଛନ୍ତି। ଏମିତି ହେଲେ କେମିତି ଧାନ ମଣ୍ଡି ଚାଲିବ । ଏଥିପ୍ରତି ଯୋଗାଣ ଅଧିକାରୀ ପ୍ରତ୍ୟେକ ମଣ୍ଡି ଓ ସମିତି କୁ ବୁଲି ତର୍ଜମା କରିବା ଆବଶ୍ୟକ ବୋଲି ଚାଷୀ ସଂଗଠନ ର ଦାବି ଉଠୁଛି। ଯଦି ଆବଶ୍ୟକ ପଡେ ଟୋକନ୍‌ର ଅବଧି ବଢିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି କିଛି ଚାଷୀ ଆଲୋଚନା କରୁଛନ୍ତି। ଯଦି ରାଜ୍ୟ ରେ ଏଫ୍. ଏ. କ୍ୟୁ ଧାନ ନାହିଁ କାହିଁକି ଯୋଗାଣ ମନ୍ତ୍ରୀ କଟଣୀ ହେବ ନାହିଁ ବୋଲି ମତ ଦେଇ ସମାଲୋଚନାର ଶିକାର ହେଉଛନ୍ତି ବୋଲି ଚାଷୀ ମାନେ ମତ ଦେଉଛନ୍ତି। କିଛି ଚାଷୀ କହୁଛନ୍ତି ବିଜେଡି ସରକାର ଅମଳରେ ୪ କେ.ଜି କଟଣି ହେଉଥିଲା ଏବର୍ଷ କିନ୍ତୁ ମିଲର କାହାର କଥା ଶୁଣିବାକୁ ନାରାଜ ସବୁଠି ବସ୍ତା ପ୍ରତି ୫ କେ.ଜି। ପୁଣି ପ୍ରାୟ ସମିତି ରେ ୫୦୦ ଗ୍ରାମ ପର୍ଯ୍ୟନ୍ତ ଧାନ ର ଓଜନ ଲେଖା ଯାଉ ନାହିଁ । ଯଦି ବଡ଼ ଚାଷୀ ଟିଏ ମିଲ ପଏଣ୍ଟ ରେ ଧାନ ଦେଉଛି ତାକୁ ପୁଣି ଭାଇବ୍ରେସନ, ଅଳିଆ କୁଣ୍ଡ ଆଳରେ ପୁଣି ଅଧିକ କଟଣି କରାଯାଉଥିବାର ଶୁଣିବାକୁ ମିଳୁଛି। ଶୁଣିବାକୁ ମିଳୁଛି ୧୯୦୦୦ ଲୋକଙ୍କର ଟୋକନ ଆସି ନାହିଁ ସେମାନେ ମାନସିକ ଚିନ୍ତା ଗ୍ରସ୍ତ ରହୁଛନ୍ତି। ଯଦି ଗୋଟିଏ ଚାଷୀ ଧାନ ଚାଷ କରି ଦିନ ତମାମ ଚିହ୍ନଟରେ ରହିବ ସମସ୍ତଙ୍କର ଟୋକନ ଆସିଲା ସେମାନେ ଧାନ ଦେଉଛନ୍ତି ମୋର ଟୋକନ ଆସିବ କି ନାହିଁ ବୋଲି ଏଥି ଦାୟୀ କିଏ ବୋଲି କିଛି ଚାଷୀ ରାଜ୍ୟ ସରକାରଙ୍କୁ ପ୍ରଶ୍ନ ପଚାରୁଛନ୍ତି। ସବୁ ବର୍ଷ ଠାରୁ ୨୦୨୫-୨୬ ନାହିଁ ନଥିବା ର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଚାଷୀ ମାନେ ସରକାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ

ଖୋର୍ଦ୍ଧା,୨୧।୧(ସମିସ): ମହାପୁରୁଷ ସ୍ମୃତି ଚାରଣ ପରିଷଦ ପକ୍ଷରୁ ଚଳିତ ବର୍ଷ ଆପୋଷହୀନ ଧାରର ମହାନ୍ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଅବସରରେ ଶ୍ୟାମା ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାରରେ କବିତା ପାଠୋତ୍ସବ ଓ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କବୟିତ୍ରୀ କବିତା ପଟ୍ଟନାୟକ, ଡ. ଚପଳା ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ମଞ୍ଜରୀ ଦାଶଙ୍କ ସଂଯୋଜନାରେ କବି ଓ ଲେଖକମାନେ ନେତାଜୀଙ୍କ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ କଳା ବିନୋଦ ପରିଷଦର ସମ୍ପାଦକ ସମ୍ବିତ ପଟ୍ଟନାୟକ ନେତାଜୀଙ୍କ ଜୀବନ ସଂଗ୍ରାମ ଉପରେ ଆଲୋଚନା କରିଥିଲେ। ଆଗରୁ କରାଯାଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ପରିଚାଳନା କରିଥିଲେ ସଙ୍ଗଠନର ସମ୍ପାଦକ ଜୟନ୍ତ ମହାନ୍ତି, ସହ ସମ୍ପାଦକ ଅନୁପମ ମହାନ୍ତି, ଅବିନାସ ପ୍ରଧାନ, ଶ୍ରୀକାନ୍ତ ନାୟକ, ତନୱିର୍ ସ୍ୱାହାଲିନ୍ ଓ ପ୍ରାଣନାଥ ମହାବିଦ୍ୟାଳୟର ଛାତ୍ର ନେତା ରାକେଶ କାଣ୍ଡି।



